


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୬ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 26 June 2026

Vol.No. 36 ■ No.166 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


# ଶତାବ୍ଦୀର ସବୁଠୁ ଭୟଙ୍କର ଭୂମିକମ୍ପ: ୧୭୦ ମୃତ, ୧୦ ହଜାର ଟପିବା ଆଶଙ୍କା

## ଶୋକ ପ୍ରକାଶ କଲେ ମୋଦୀ: ସହାୟତା ପାଇଁ ଭାରତ ପ୍ରସ୍ତୁତ





ନୂଆଦିଲ୍ଲୀ,୨୫/୬ : ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲାରେ ଆଜି ପ୍ରକୃତିର ଭୟାନକ ତାଣ୍ଡବ ଦେଖିବାକୁ ମିଳିଛି । ଭାରତୀୟ ସମୟ ଶୁକ୍ରବାର ଭୋର ୩:୩୦ରେ ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଦୁଇଟି ଶକ୍ତିଶାଳୀ ଭୂକମ୍ପ ସମଗ୍ର ଦେଶକୁ ଥରାଇ ଦେଇଛି । ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଯଥାକ୍ରମେ ୭.୨ ଏବଂ ୭.୫ ରେକର୍ଡ କରାଯାଇଛି । ଏହି ପ୍ରଳୟଙ୍କରୀ ଭୂକମ୍ପ ଯୋଗୁଁ ରାଜଧାନୀ କାରାକାସ୍ ସମେତ ଅନେକ ସହର ଧ୍ୱଂସସ୍ତୂପରେ ପରିଣତ ହୋଇଛି ଏବଂ କାରିବିଆନ୍ ଅଞ୍ଚଳରେ ସୁନାମି ସତର୍କ ସୂଚନା ଜାରି କରାଯାଇଛି । ଏହି ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୧୭୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ତେବେ ଶହ ଶହ ବିଶାଳ କୋଠା ମାଟିରେ ମିଶିଯାଇଥିବାରୁ ଏହି ଧ୍ୱଂସର ବ୍ୟାପକତାକୁ ଦେଖି ଆମେରିକାର ଭୂକମ୍ପ ଗବେଷଣା ସଂସ୍ଥା ଆଶଙ୍କା ପ୍ରକାଶ କରିଛି ଯେ ମୃତ୍ୟୁସଂଖ୍ୟା ୧୦ ହଜାରରୁ ଅଧିକ ହୋଇପାରେ । ଭୂକମ୍ପ ପରେ ପ୍ରାୟ ୨୦ ଥର ପରବର୍ତ୍ତୀ କମ୍ପନ ଅନୁଭୂତ ହୋଇଛି, ଯାହାର ତୀବ୍ରତା ୪.୯ ରୁ ୬.୪ ମଧ୍ୟରେ ରହିଥିଲା । ଏହା ପରେ ସାରା ସହର ଧୂଳିର ବହଳ ଆସ୍ତରଣରେ ଆଚ୍ଛାଦିତ ହୋଇଯାଇଛି ଏବଂ ପରିବେଶ ଅତି ଭୟାବହ ରହିଛି । ସହରର ସବୁଠାରୁ ସମୃଦ୍ଧ ଅଞ୍ଚଳ 'ଆଲଟାମିରା'ର ୫୦ରୁ ଅଧିକ ଆବାସିକ ଭବନ ଭୁଶୁଡ଼ି ପଡ଼ିଛି । ଧ୍ୱଂସସ୍ତୂପ ଭିତରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଅହରହ ପ୍ରୟାସ ଜାରି ରହିଛି ।

◆◆ପୃଷ୍ଠା ୭

# ଶଙ୍ଖ ଧରିଲେ ସୁଜାତା: କହିଲେ, ଆଗାମି ନିର୍ବାଚନରେ ନିଜେ ନେବେ ନେତୃତ୍ୱ



ଭୁବନେଶ୍ୱର, ୨୫/୬ (ନି.ପ୍ର): ଦୀର୍ଘ ଦିନର କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜେଡିରେ ମିଶିଛନ୍ତି ସୁଜାତା ଆର. କାର୍ତ୍ତିକେୟନ । ନବୀନ ପଟ୍ଟନାୟକ ଓ ଦଳର ବହୁ ନେତା ଓ କର୍ମୀଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଶଙ୍ଖ ଧରିଛନ୍ତି । କିନ୍ତୁ ସୁଜାତା ଜଣେ ସାଧାରଣ କର୍ମୀ ଭାବେ ଦଳରେ ମିଶିଛନ୍ତି । ଏବଂ ଆସନ୍ତା ନିର୍ବାଚନରେ ନବୀନ ହିଁ ବିଜେଡିର ନେତୃତ୍ୱ ନେବେ ବୋଲି ସ୍ପଷ୍ଟ କରିଛନ୍ତି । ସୁଜାତା କାର୍ତ୍ତିକେୟନଙ୍କୁ ନେଇ ଲାଗି ରହିଥିବା ସବୁ ଚର୍ଚ୍ଚାର ଘଟିଛି ଅବସାନ । ଶଙ୍ଖ ଭବନରେ ବିଧିବଦ୍ଧ ଭାବେ ସେ ବିଜେଡିରେ ହୋଇଛନ୍ତି ସାମିଲ । ଦଳର ନେତା ଓ କର୍ମୀଙ୍କ ଉପସ୍ଥିତିରେ ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଉତ୍ତରୀୟ ପିନ୍ଧାଇ ଦଳରେ ସାମିଲ କରାଇଛନ୍ତି । ସୁଜାତାଙ୍କୁ ଦଳରେ ସାମିଲ କରାଇବା ପରେ ଦଳର ନେତୃତ୍ୱକୁ ନେଇ ବଡ଼ ଘୋଷଣା କରିଛନ୍ତି । ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଥିବାବେଳେ ନବୀନ ସ୍ପଷ୍ଟ କରି କହିଛନ୍ତି, ସୁଜାତା ଜଣେ ସାଧାରଣ କର୍ମୀ ଭାବେ ଦଳରେ ମିଶିଲେ । ଆସନ୍ତା ନିର୍ବାଚନରେ ମୁଁ ହିଁ ବିଜେଡିର ନେତୃତ୍ୱ ନେବି ।

◆◆ପୃଷ୍ଠା ୭

# ବିଜେଡି ଶାସନକାଳର ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି: ୩ ଜଣ ଠିକାଦାରଙ୍କୁ ଗିରଫ କଲା ଭିଜିଲାନ୍ସ




ଭୁବନେଶ୍ୱର, ୨୫/୬ (ନି.ପ୍ର): ବିଜେଡି ଶାସନକାଳରେ ପ୍ରତି ପଂଚାୟତରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ବ୍ୟାପକ ଦୁର୍ନୀତି ଓ ସରକାରୀ ଅର୍ଥ ହରିଲୁଟ୍ ମାମଲାରେ ରାଜ୍ୟ ଭିଜିଲାନ୍ସ ଆଜି ୩ଜଣ ଠିକାଦାରଙ୍କୁ ଗିରଫ କରିଛି । ଗତକାଲି ଭିଜିଲାନ୍ସର ୨୪ଟି ଟିମ୍ ଏକକାଳୀନ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ୫୦ଟି ସ୍ଥାନରେ ଚଢ଼ାଉ କରିଥିଲା । ଭିଜିଲାନ୍ସ ଏହି ମାମଲାରେ ଅଧିକ ଲୋକଙ୍କୁ ଗିରଫ କରିବାର ଆଶଙ୍କା ରହିଛି । ଭିଜିଲାନ୍ସ ପକ୍ଷରୁ ଜାରି ସୂଚନା ଅନୁସାରେ, ପଂଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ଓ ସରକାରୀ ପାଣ୍ଠିର ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାରେ ହୋଇଥିବା ପ୍ରାୟ ୩କୋଟି ଟଙ୍କାର ଦୁର୍ନୀତିରେ ଯେଉଁ ୩ ଜଣ ଠିକାଦାରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି ସେମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ବାରିପଦାର ମେସର୍ସ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାଶ, ଯାଜପୁର ଟାଉନର ମେସର୍ସ ବିରଜା ଇଲେକ୍ଟ୍ରିକାଲ୍ସ ଆଣ୍ଡ କନଷ୍ଟ୍ରକସନର ମାଲିକ ଧରଣୀଧର ସାହୁ ଓ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମେସର୍ସ ଯୋଗମାୟା ଟ୍ରେଡର୍ସର ମାଲିକ ବିଭୂତି ରଞ୍ଜନ ବିଶ୍ୱାଳ ।

◆◆ପୃଷ୍ଠା ୭

# ଭୁଲ ବହିରେ ଚାଲିଛି ପାଠପଢ଼ା: ଦ୍ୱନ୍ଦ୍ୱରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ



ଭୁବନେଶ୍ୱର, ୨୫/୬ (ନି.ପ୍ର): ବହି ବିଭ୍ରାଟ ନେଇ ଥମୁନି ବିବାଦ । ଗୋଟିଏ ପଟେ ତଦନ୍ତ ଚାଲୁଥିବାବେଳେ ଅନ୍ୟପଟେ ବିଦ୍ୟାଳୟରେ ସମସ୍ୟା ଭୋଗୁଛନ୍ତି ଛାତ୍ରଛାତ୍ରୀ । କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଶିକ୍ଷକ ଶିକ୍ଷୟତ୍ରୀ ବି ସମସ୍ୟା ଭୋଗୁଛନ୍ତି । ବହିର ସମ୍ପାଦନା ମଣ୍ଡଳୀକୁ ନେଇ ଅଭିଯୋଗ ହୋଇଥିବାବେଳେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛି ଓଡିଶା ଅଭିଭାବକ ସଂଘ । ଖରାଛୁଟି ପରେ ଖୋଲିଛି ସ୍କୁଲ । ହେଲେ ଦୁର୍ଭାଗ୍ୟର କଥା ଭୁଲ ବହିରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ । ବହିରେ ଥିବା ତ୍ରୁଟି ସଂଶୋଧନ କରି ପାଠ ପଢ଼ାଇବାକୁ ଶିକ୍ଷକମାନଙ୍କୁ କୁହାଯାଇଥିଲେ ବି ସମସ୍ୟାରେ ପଡୁଛନ୍ତି ପିଲା । ଭୁଲ ପାଠ କେମିତି ପଢିବେ ସେ ପ୍ରଶ୍ନ ସଭିଙ୍କୁ ଘାରୁଛି ।

◆◆ପୃଷ୍ଠା ୭

# ବାଲେଶ୍ୱରରେ ଚାଞ୍ଚଲ୍ୟ: ୮ ରାଉଣ୍ଡ ଗୁଳି କରି ବ୍ୟବସାୟୀଙ୍କୁ ହତ୍ୟା



ବାଲେଶ୍ୱର, ୨୫/୬ (ନି.ପ୍ର): ବାଲେଶ୍ୱର ସହରରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ପୋଲିସକୁ ଅପରାଧୀମାନେ ଖୁଲମଖୁଲା ଚ୍ୟାଲେଞ୍ଜ ଦେଉଛନ୍ତି । ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଅଡର ବଜାରରେ ଗୁରୁବାର ଅପରାହ୍ନରେ ଫୁଟିଲା ଗୁଳି । ଏକ କାର ସୋରୁମର ମାଲିକ ତଥା ବ୍ୟବସାୟୀଙ୍କୁ ଗୁଳି ମାରି ହତ୍ୟା କରାଯାଇଛି । ୮ ରାଉଣ୍ଡ ଗୁଳି ଫୁଟିଥିବା ସିସିଟିଭିରୁ ସ୍ପଷ୍ଟ ହୋଇଛି । ମୃତ ବ୍ୟବସାୟୀ ହେଉଛନ୍ତି ସେକ ହମିଦ । ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

◆◆ପୃଷ୍ଠା ୭

# ଜେଲ୍‌ରୁ କଏଦୀ ଫେରାର ଘଟଣା: ଡିଜି ପ୍ରିଜନ୍ ଓ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଏଫଆଇଆର

ଭୁବନେଶ୍ୱର, ୨୫/୬ (ନି.ପ୍ର): ଚୌଦ୍ୱାର ସର୍କେଲ୍ ଜେଲ୍‌ରୁ କଏଦୀ ଚମ୍ପଟ ମାରିବା ଘଟଣା ଏବେ ଏକ ନୂଆ ମୋଡ଼ ନେଇଛି । ଗତ ବର୍ଷ ଅକ୍ଟୋବର୍ ମାସରେ ଜେଲ୍‌ରୁ ଦୁଇ ଜଣ ହାର୍ଡକୋର ଅଣ୍ଡରଟ୍ରାଏଲ୍ ବନ୍ଦୀ ଫେରାର ହେବା ଘଟଣାରେ ସିଧାସଳଖ ଜେଲ୍ ବିଭାଗର ବଡ଼ ଅଧିକାରୀଙ୍କ ସଂପୃକ୍ତି ଥିବା ଅଭିଯୋଗ ହୋଇଛି । ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଏହି ମାମଲାରେ ଡିଜି ପ୍ରିଜନ୍ ଓ ଜେଲ୍

◆◆ପୃଷ୍ଠା ୭

# ନବମ ଶ୍ରେଣୀ ପାଠ୍ୟକ୍ରମରେ ଯୋଡ଼ା ହେଲା ଜରୁରୀକାଳୀନ ପରିସ୍ଥିତିର ଇତିହାସ

ନୂଆଦିଲ୍ଲୀ,୨୫/୬ : ଏବେ ନବମ ଶ୍ରେଣୀ ପିଲା ପଢ଼ିବେ ଜରୁରୀକାଳୀନ ପରସ୍ଥିତିର ଇତିହାସ । ଏନସିଇଆରଟି ପକ୍ଷରୁ ନବମ ଶ୍ରେଣୀ ସାମାଜିକ ଲିଜ୍ଞାନ ବହିରେ ଏହାକୁ ସ୍ଥାନ ଦିଆଯାଇଛି । ପୂର୍ବରୁ ଜରୁରୀକାଳୀନ ପରିସ୍ଥିତି ସମ୍ପର୍କରେ ଦ୍ୱାଦଶ ଶ୍ରେଣୀ ରାଜନୀତି ବଜ୍ଞାନ ବହିରେ ଉଲ୍ଲେଖ ଥିଲା । ଏବେ ନବମ ଶ୍ରେଣୀ ପିଲା ମଧ୍ୟ ପଢ଼ିବେ । ନୂଆ ଜାତୀୟ ଶିକ୍ଷାନୀତି ଆଧାରରେ ଏହି ନିଷ୍ପତ୍ତି ନେଇଛି ଏନସିଇଆରଟି । ଏନସିଇଆରଟିର ଜଣେ ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ ପ୍ରଥମ ଥର ପାଇଁ ନବମ ଶ୍ରେଣୀ ପାଠ୍ୟପୁସ୍ତକରେ ଜରୁରୀକାଳୀନ ପରିସ୍ଥିତି ଉପରେ ଏକ ଅଧ୍ୟାୟ ଯୋଡ଼ାଯାଇଛି । ୧୯୭୫-୭୭ ମସିହାରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବା ଦ୍ୱାରା ଭାରତରେ ଗଣତନ୍ତ୍ର ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା । ଏହି ସମୟରେ ଅଧିକାଂଶ ମୌଳିକ ଅଧିକାରରୁ ଲୋକ ବଞ୍ଚିତ ହୋଇଥିଲେ । ଗାଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ଗମ୍ଭୀର ଚାପରେ ପଡ଼ିଥିଲେ ।

◆◆ପୃଷ୍ଠା ୭


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

FACULTY RECRUIT-MENT | Lecture in all above Branches | Lab Technician in all above Branches | Clerk & Hostel Superin-tendent

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com


# ଭେନେଜୁଏଲା ଗୋଟେ ଘଣ୍ଟାରେ ଏବଂ ଇରାନ ଗୋଟେ ସପ୍ତାହରେ ଶେଷ: ପୁଣି କଠୋର ଆଭିମୁଖ୍ୟ ଦେଖାଇଲେ ଟ୍ରମ୍ପ



ନୂଆଦିଲ୍ଲୀ,୨୫/୬ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ କଠୋର ଆଭିମୁଖ୍ୟ ଦେଖାଇଛନ୍ତି । ନିଜର ଶ୍ରେୟ ଦର୍ଶାଇ ସେ ଘୋଷଣା କରିଛନ୍ତି ଯେ, ଭେନେଜୁଏଲା ଗୋଟିଏ ଘଣ୍ଟା ମଧ୍ୟରେ ଏବଂ ଇରାନ ଗୋଟିଏ ସପ୍ତାହରେ ଧ୍ୱଂସ ପାଇଯାଇଛି । ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ଅନ୍ତିମ ସଂସ୍କାର ହେବାକୁ ଯାଉଥିବା ସମୟରେ ଟ୍ରମ୍ପଙ୍କ ସେହି ପୁରୁଣା ମନୋଭାବ ପୁଣି ଦେଖିବାକୁ ମିଳିଛି । ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣରେ ପ୍ରାଣ ହରାଇଥିବା ଆୟାତୋଲ୍ଲାଙ୍କ ପାର୍ଥିବ ଶରୀରର ବିଦାୟ ସମାରୋହ ଏବଂ ପ୍ରାର୍ଥନା ସଭା ଜୁଲାଇ ୪ ଏବଂ ୫ ତାରିଖରେ ତେହେରାନର ଗ୍ରାଣ୍ଡ ମୋସାଲ୍ଲାରେ ଅନୁଷ୍ଠିତ ହେବ ଏବଂ ଜୁଲାଇ ୬ ତାରିଖରେ ଅନ୍ତିମ ସଂସ୍କାର କରାଯିବ । ଭେନେଜୁଏଲାରେ ଚଢାଉ ପାଇଁ ଟ୍ରମ୍ପ ତାଙ୍କ ସେନାକୁ ପ୍ରଶଂସା କରି ଏହାକୁ ବିଶ୍ୱ ଇତିହାସର ସର୍ବୋତ୍ତମ ସାମରିକ ଚଢାଉ ମଧ୍ୟରୁ ଗୋଟିଏ ବୋଲି କହିଛନ୍ତି । ଉଲ୍ଲେଖଯୋଗ୍ୟ, ଜାନୁଆରି ୨୦୨୬ରେ, ଆମେରିକାର ସେନା ଭେନେଜୁଏଲାରେ ଅପରେସନ ଆବସୋଲ୍ୟୁଟ ରିଜଲଭ୍ ଆରମ୍ଭ କରିଥିଲା ଏବଂ ବିମାନ ଆକ୍ରମଣ ପରେ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ସେମାନଙ୍କ ବାସଭବନରୁ ଗିରଫ କରିଥିଲା । ଟ୍ରମ୍ପଙ୍କ ସେନା ସେମାନଙ୍କୁ ଡ୍ରଗ୍ସ ଚାଲାଣ ପାଇଁ ବିଚାର ପାଇଁ ଆମେରିକାକୁ ନେଇଯାଇଥିଲେ । ଦେଶର ନାଗରିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ଗତ ସପ୍ତାହରେ, ଆମେ ଇରାନ ସହିତ ସଂଘର୍ଷର ଅନ୍ତ ଏବଂ ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବରେ ଖୋଲିବା ପାଇଁ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷର କରିଥିଲୁ । ପୂର୍ବରୁ କୌଣସି ରାଷ୍ଟ୍ରପତି ଏହା କରିନାହାନ୍ତି । ସେ ଏହା ମଧ୍ୟ ଦୋହରାଇଥିଲେ ଯେ ଇରାନ କେବେବି ପରମାଣୁ ଅସ୍ତ୍ର ରଖିପାରିବ ନାହିଁ ।ବୁଧବାର ଦିନ ଆମେରିକୀୟ ନାଗରିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ ଇରାନର ମିନାବରେ

◆◆ପୃଷ୍ଠା ୭

# ଭୁବନେଶ୍ୱରରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକ ଉଦ୍‌ଘାଟିତ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ ବୋଲି ଲୋକସେବା ଭବନ ଠାରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ । ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ବ୍ଲୁ ଇକୋନୋମି ହେଉଛି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଜଟିଳ ଭିତ୍ତିଭୂମିର ସୁରକ୍ଷା, ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ଉପରେ ଆମର ସଚେତନତା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ସାମିଲ ରହିଛି। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ପଥରେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶ ସହ ବ୍ୟାପାର ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ, ଯାହାର ଜୀବନ୍ତ ପ୍ରତୀକ ଭାବେ ଆଜି ମଧ୍ୟ ବାଲିଯାତ୍ରା ଉତ୍ସବ ପାଳିତ ହେଉଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। ଭାରତ ସରକାରଙ୍କ 'ସାଗର' , 'ଆକ୍ଟ ଇଷ୍ଟ ପଲିସି', 'ବିମଷ୍ଟେକ' ଏବଂ 'କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା , ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ମାଛଧରା ଡଙ୍ଗାଗୁଡ଼ିକରେ 'ନଭମିତ୍ର' ଟ୍ରାନ୍ସପଣ୍ଡର ଲଗାଇବା ଏବଂ କୋଷ୍ଟାଲ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମ ଭଳି କାର୍ଯ୍ୟକ୍ରମକୁ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ସାମୁଦ୍ରିକ ସୀମା ସୁରକ୍ଷାରେ ନିୟୋଜିତ ଭାରତୀୟ ନୌସେନା, କୋଷ୍ଟ ଗାର୍ଡ, ଓଡ଼ିଶା ପୋଲିସ ଏବଂ ଅନ୍ୟ ସମସ୍ତ ସଂସ୍ଥାର କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ଏହି ବୈଠକରେ ଯୋଗଦେଇ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମଡେଲ ଖୋଜିବା ଅତ୍ୟନ୍ତ କଷ୍ଟକର। ଏଥିପାଇଁ ବିଭିନ୍ନ ମଡେଲକୁ ନେଇ ଏକ ସୁଚିନ୍ତିତ ରଣନୈତିକ ଢାଞ୍ଚା ପ୍ରସ୍ତୁତ କରିବା ଆବଶ୍ୟକ। ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ୍ ମାରିଟାଇମ୍ ସିକ୍ୟୁରିଟି ଅଫିସ୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି ଏବଂ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା କେବଳ ସାମରିକ ବା ସୁରକ୍ଷାଗତ ଦିଗ ମଧ୍ୟରେ ସୀମିତ ନୁହେଁ। ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଅନୁରୋଧ କରି ସେ କହିଛନ୍ତି ଯେ, କେବଳ ମୁଖ୍ୟ ଉପକୂଳ ଅଞ୍ଚଳ ନୁହେଁ, ବରଂ ସମୁଦ୍ର ମଧ୍ୟରେ ଥିବା ଦ୍ୱୀପଗୁଡ଼ିକର ସୁରକ୍ଷା ଏବଂ ବିକାଶ ଉପରେ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯିବା ଉଚିତ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇ. ବି. ଖୁରାନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ

କେନ୍ଦୁଝର, ୨୫/୦୬ (ନି.ପ୍ର): ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ଜୁଡ଼ିଆର ସମ୍ମିଳନୀ କକ୍ଷରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କେନ୍ଦୁଝର ଶ୍ରୀ ପ୍ରିଥୁରାଜ ମଂଡଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅନ୍ୟ ଅତିଥିଭାବେ ଭାବେ ମୁଖ୍ୟ ପ୍ରାଣି ଚିକତ୍ସା ଅଧିକାରୀ, କେନ୍ଦୁଝର ଡ଼ଃ ଚନ୍ଦ୍ରଶେଖର ରଥ ; ଆଂଚଳିକ ଗବେଷଣା ଓ୍ କୃଷି କୌଶଳ ସମ୍ପ୍ରସାରଣ କେନ୍ଦ୍ର କେନ୍ଦୁଝର ର ମୁଖ୍ୟ ଡ଼ କିଶୋର ଚନ୍ଦ୍ର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ୍ ମୁଖ୍ୟ ଡ଼ ସୁକାନ୍ତ କୁମାର ସାହୁ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, କେନ୍ଦୁଝର ଶ୍ରୀ ସୌମେନ୍ଦ୍ର ପାଣିଗ୍ରାହୀ, କୃଷି ନିର୍ବାହୀଯନ୍ତ୍ରୀ ଇ ସମର ବିଶ୍ୱାଳ ମଂଚାସୀନ ଥିଲେ କ୍ଷ ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସ୍ୱାଗତ ଭାଷଣ ଦେବା ସହ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣି ଚିକିତ୍ସକ ଅଧିକାରୀ ବିଭାଗୀୟ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ସାମ୍ପ୍ରସରଣ କର୍ମୀଙ୍କ ପରାମର୍ଶ ନେବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସୁଯୋଗ ନେବା, ପ୍ରାଣୀମାନଙ୍କ ବୀମା କରିବା ପାଇଁ ଆହ୍ୱାନ ଦେଇଥିଲେ। ଚଳିତବର୍ଷର ପାଣିପାଗର ପୂର୍ବାନୁମାନ ଅନୁଯାଇ ଆଗୁଆ ଚାଷ, ସ୍ପ୍ରିଙ୍କଲର ଓ୍ ବୁନ୍ଦା ଜଳସେଚନ ଆପଣାଇ ସଂଚିତ ଜଳର ସଦୁପଯୋଗ, ଫଳ ଚାଷ, ଛତୁ ଚାଷ ପ୍ରଭୃତି କରିବା ପାଇଁ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ଆଂଚଳିକ କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ, ଏଲ୍‌ନିନୋର ପ୍ରଭାବ, ମାଟିର ଜଳଧାରଣ ଶକ୍ତି, ଜୈବିକ କୃଷିର ଆବଶ୍ୟକତା ବିଷୟରେ ମତ ରଖିଥିଲେ। କୃଷି ଯନ୍ତ୍ରପାତିର ଉପଯୋଗ ବିଷୟରେ କୃଷି ନିର୍ବାହୀଯନ୍ତ୍ରୀ ଉପସ୍ଥିତ ଚାଷୀଭାଇଭଉଣୀଙ୍କୁ ପରାମର୍ଶ ଦେଇଥିଲେ। ଆପିକଲର ଜିଲ୍ଲା ସଂଯୋଜକ, ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଥିବା ରିହାତି ବିଷୟରେ ଆଲୋକପାତ କରିଥିଲେ। ସହକାରୀ କୃଷି ଯନ୍ତ୍ରୀ, କୃଷିଯନ୍ତ୍ରପାତି ପାଇଁ ସରକାରଙ୍କ ତରଫରୁ ମିଳୁଥିବା ରିହାତି ସମ୍ବନ୍ଧରେ ତଥ୍ୟ ରଖିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏହି କର୍ମଶାଳାରେ କ୍ଷେତ ବଂଚାଅ ଅଭିଯାନ, ପ୍ରାକୃତିକ ଚାଷର ଉପକାରିତା, ଆବଶ୍ୟକତା ଓ୍ ପଦ୍ଧତି ବିଷୟରେ ଆଲୋକପାତ କରିଥିଲେ। ସାଧନା ଟ୍ରଷ୍ଟର ମୁଖ୍ୟ ଶ୍ରୀ ଅଜିତ ମହାଭୋଇ, ପ୍ରାକୃତିକ ଚାଷ ସମ୍ପର୍କରେ ତାଙ୍କର ଅଭିଜ୍ଞତା ଓ୍ ପରିବର୍ତ୍ତିତ ଜଳବାୟୁ ଯୋଗୁଁ ପ୍ରାକୃତିକ ଚାଷର ଆବଶ୍ୟକତା ବିଷୟରେ ମତ ରଖିଥିଲେ। ଏହି କର୍ମଶାଳାରେ ତେଲକୋଇ ବ୍ଲକର ରିଙ୍କି ବେହେରାଙ୍କୁ କୃଷି ସେବା କେନ୍ଦ୍ର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ରିହାତି ରାଶି ପନ୍ଦର ଲକ୍ଷ ଅଣଷଠି ହଜାର ପାଂଚଶହ ଷୋହଳ ଟଙ୍କା ପ୍ରଦାନ କରାଯିବା ସହ ସଦର ବ୍ଲକର ପ୍ରମୋଦ କୁମାର ସାହୁ, ହରିଚନ୍ଦନପୁର ବ୍ଲକର ଦୁଃଶାସନ ସେଠୀ, ସଦର ବ୍ଲକର ଭାରତୀଲତା ଗିରି ଓ୍ ସାହାରପଡା ବ୍ଲକର ସୁରେଶ ଚନ୍ଦ୍ର ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଉଦ୍ୟୋଗ ପ୍ରତିଷ୍ଠା ପାଇଁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ କୃଷି ଜିଲ୍ଲା ଅଧିକାରୀ ଘଟଗାଁ ଶ୍ରୀମତୀ କବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ଦାବିରେ ଧାରଣା

ଜୟପୁର, ୨୫/୦୬ (ନି.ପ୍ର): ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତୁରନ୍ତ ଧାନ ଉଠାଇବା ଦାବି ରେ ଧାରଣା ଦିଆଯାଇଛି । କୋଟପାଡ ବ୍ଲକ ବୋବେୟା ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ଦାବି ରେ ଧାରଣା ଦିଆଯାଇଛି । ମାଁ ମାଉଲି କୃଷକ ସଂଘ ତରଫରୁ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବି ପତ୍ର ଦେଇ ଧାରଣା ଦିଆଯାଇଛି । ବୋବେୟା ମଣ୍ଡିରୁ ୩ ହାଜର କ୍ୱିଣ୍ଟାଲ ଧାନ ପଡି ରହିଛି । ଦୀର୍ଘ ୧୫ ଦିନ ହେବ ପଡି ରହିଥିବା ବେଳେ ଦୁଇ ଦିନ ଭିତରେ ଟୋକେନ ଶେଷ ହୋଇ ଯିବ । ସେ ନେଇ ଚିନ୍ତାରେ ଅଛନ୍ତି ଚାଷୀ। ମିଲର ମାନେ ପ୍ରଥମେ ଘରେ ରଖିଥିବା ଧାନ କୁ ଉଠାଉ ନେଉଛନ୍ତି । ଲ୍ୟାମ୍ପସ କର୍ତ୍ତୃପକ୍ଷ ନିରପ ରହୁଥିବା ବେଳେ ୧୫ ଦିନ ହେବ ମଣ୍ଡିରେ ଧାନ ପଡି ରହିଥିବା ବେଳେ ମିଲରଙ୍କ ଦେଖା ମିଳୁ ନାହିଁ । ଚାଷୀ ଲେପଟ ରାଇର ଶୀକାର ନହୋଇ ଚାଷୀଙ୍କ ଧାନ ଯେପରି ଉଚିତ ଦରରେ ବିକ୍ରୟ ହେବ ସେଥି ପ୍ରତି ଗୁରୁତ୍ୱ ଦେବାକୁ କୃଷକ ସଂଘ ସଭାପତି ଜଗଦିଶ ବିଷୋୟୀ ଦାବି ହୋଇଛି । ଦାବି ଗୁରୁତ୍ୱ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ୩ ଦିନ ଭିତରେ ମଣ୍ଡିରୁ ଧାନ ଉଠିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣାରୁ ଓହରିଥିଲେ ଚାଷୀ। ଯଦି ୩ ଦିନ ଭିତରେ ଧାନ ଉନଠିଲେ ଆନ୍ଦୋଳନ ଜୋର ସୋର ହେବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି ।

## ସମାଜସେବୀ ଗୋଲକ ବିହାରୀ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳୀ

ବଲାଙ୍ଗିର, ୨୫/୦୬ (ନି.ପ୍ର): କୁଶଙ୍ଗ ଗ୍ରାମରେ ସମାଜସେବୀ ସ୍ୱର୍ଗତ ଗୋଲକ ବିହାରୀ ପଟେଲଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର ଯୋଗ ଦେଇଥିବାବେଳେ ଗାଁର ଗୌନ୍ତିଆ ବୃନ୍ଦାବନ ପଟେଲ, ଗୌରଚନ୍ଦ୍ର ପଟେଲ, କୁଶଙ୍ଗ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପରମେଶ୍ୱର ସିଂ ମଂଚାସୀନ ଥିଲେ। ଅନେକ ବୁଦ୍ଧିଜିବୀ,କୁଶଙ୍ଗ କଲେଜର ଅଧାପକ, ଶିକ୍ଷକ, କଳାପ୍ରେମୀ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ପଟେଲଙ୍କ ସମାଜସେବା ଏବଂ ଅଂଚଳର ଶିକ୍ଷାକ୍ଷେତ୍ରରେ ଉନ୍ନତି ପାଇଁ ଅବଦାନ ଏବଂ ତାଙ୍କର ପ୍ରତିବଦ୍ଧତା ବିଷୟରେ ସ୍ମୃତିଚାରଣ କରିଥିଲେ। ପ୍ରକାଶ ଥାଉ କି ସ୍ୱର୍ଗତ ପଟେଲଙ୍କ ଉଦ୍ୟମରେ କୁଶଙ୍ଗ ଠାରେ କଲେଜ ପ୍ରତିଷ୍ଠା ହୋଇପାରିଥିଲା । ଉପାନ୍ତ ଗ୍ରାମ ରେଙ୍ଗାଲି ଏବଂ ପାଡ଼େଲ ଗ୍ରାମରେ ମଧ୍ୟ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ । ପୋଲିସ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇ ୰ ପଟେଲ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ସମର୍ପିତ କରିଥିଲେ । କୁଶଙ୍ଗ ରେ ଏକ କଳାକାର ସଂଘ ମଧ୍ୟ ଗଠନ କରିଛନ୍ତି । ଲୋକ କଳାର ପ୍ରଚାର ପ୍ରସାର ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ । ତାଙ୍କର ନିସ୍ୱାର୍ଥପର ସେବା ଓ ତ୍ୟାଗ ମନୋଭାବ ପାଇଁ ସବୁଦିନ ଅଂଚଳବାସୀମାନେ ମନେ ରଖିବେ । ତାଙ୍କର ଅବର୍ତ୍ତମାନରେ କୁଶଙ୍ଗ ଅଂଚଳର ଅପୂରଣୀୟ କ୍ଷତି ହେଲା ବୋଲି ସମସ୍ତେ ମତବ୍ୟକ୍ତକରିଥିଲେ । ଉକ୍ତ ସଭାକୁ କରୁଣାକର ପଟେଲ ସଂଯୋଜନା କରିଥିଲେ । ଶେଷରେ ଅଧକ୍ଷ ପରମେଶ୍ୱର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଆୟୋଜିତ: ୨.୮୮ ଲକ୍ଷ ଏସଏଚଜିଙ୍କୁ ୧୪୭ କୋଟି ଟଙ୍କା ସୁଧ ଫେରସ୍ତ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ମିଶନ ଶକ୍ତି ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ରାଜ୍ୟସ୍ତରୀୟ 'ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ' ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାରୁ ପ୍ରାୟ ୩୩୦ ଜଣ ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମହୋଦୟାଙ୍କ କରକମଳରେ ୨,୮୮,୧୯୮ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି।

ଏହି ସ୍ୱତନ୍ତ୍ର ଉତ୍ସବ ଅବସରରେ ୨୬ଟି ଜିଲ୍ଲାର ୨୩,୫୩୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୫.୭୧ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଇଛି, ଯେଉଁଥିରେ ଖୋର୍ଦ୍ଧାର ମା ମଙ୍ଗଳା ଓ ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଯଥାକ୍ରମେ ୩୦,୦୦୦ ଟଙ୍କାର ଚେକ୍ ମାନ୍ୟବର ମନ୍ତ୍ରୀଙ୍କ କରକମଳରୁ ସାକ୍ଷାତ ଭାବେ ଗ୍ରହଣ କରିଛନ୍ତି।

ଗ୍ରାମାଂଚଳର ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ୨୭ଟି ଜିଲ୍ଲାର ୬୨୪ଟି ଗ୍ରାମପଂଚାୟତ ସ୍ତରୀୟ ମହାସଂଘ ୧୮୯.୫୭ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରାଯାଇଛି, ଯେଉଁଥିରେ ପୁରୀର ଅଭୟମୁଖୀ ଓ ଗୁଆଳିପଡା ଗ୍ରାମପଂଚାୟତସ୍ତରୀୟ ସଂଘର ମା'ମାନେ ଯଥାକ୍ରମେ ୩୫ ଲକ୍ଷ ଟଙ୍କାର ଚେକ୍ ସିଧାସଳଖ ଭାବରେ ପାଇଛନ୍ତି।

ଏହା ବ୍ୟତୀତ, ୧୫ଟି ଜିଲ୍ଲାର ୬୫୬ଟି ଆଂଚଳିକ ମହାସଂଘ କୁ ୯.୬୪ କୋଟି ଟଙ୍କାର ନିରାପତା ପାଣ୍ଠି ମଧ୍ୟ ପ୍ରଦାନ କରାଯାଇଛି, ଯେଉଁଥିରେ ଯାଜପୁରର ରାମପୁର ଓ ଜହ୍ନା ଆଂଚଳିକ ମଂଚର ମା'ମାନେ ଯଥାକ୍ରମେ ୧.୫୦ ଲକ୍ଷ ଟଙ୍କାର ଚେକ୍ ନିରାପତା ପାଣ୍ଠି ବାବଦକୁ ପ୍ରତ୍ୟକ୍ଷ ଭାବରେ ଗ୍ରହଣ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସମ୍ମିଳନୀର ଉଦ୍ଘାଟନ କରି କହିଥିଲେ ଯେ, ଓଡ଼ିଶା ସରକାର ୨୦୩୬ ସୁଦ୍ଧା ରାଜ୍ୟକୁ ଏକ ସମୃଦ୍ଧ ଓ ବିକଶିତ ଅର୍ଥନୀତିରେ ପରିଣତ କରିବାର ସଂକଳ୍ପ ନେଇଛନ୍ତି, ଯେଉଁଥିରେ ମହିଳାମାନେ ପରିବର୍ତ୍ତନର ପ୍ରମୁଖ ବାହକ ଅଟନ୍ତି। ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଆତ୍ମନିର୍ଭରଶୀଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ହୋଇଥିବା ବେଳେ, ରାଜ୍ୟ ସରକାର ନିର୍ଦ୍ଧାରିତ ସମୟର ୧ ବର୍ଷ ପୂର୍ବରୁ ହିଁ ୨୫ ଲକ୍ଷର ମାଇଲଖୁଂଟ ଅତିକ୍ରମ କରି ବର୍ତ୍ତମାନ ଲକ୍ଷପତି ଦିଦିଙ୍କ ସଂଖ୍ୟାକୁ ୨୬,୩୯,୯୦୯ରେ ପହଂଚାଇ ପାରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି ସମ୍ମିଳନୀରେ ଓଡ଼ିଶା ଭିଜନ-୨୦୩୬ରେ ମହିଳାଙ୍କ ଭୂମିକା, ଲକ୍ଷପତି ଦିଦି, ମହାଲକ୍ଷପତି ଦିଦି ଓ କୋଟିପତି ଦିଦି ସୃଷ୍ଟି, ମହିଳା-ନେତୃତ୍ୱାଧୀନ ଉଦ୍ୟୋଗ, ପ୍ରଡ୍ୟୁସର ଗ୍ରୁପ୍ ଓ ପ୍ରଡ୍ୟୁସର କମ୍ପାନୀର ପ୍ରୋତ୍ସାହନ, ବଜାର ସଂଯୋଗ, ଆର୍ଥିକ ସହାୟତା ଏବଂ ବିଭିନ୍ନ ଜିଲ୍ଲାର ସଫଳ ଉଦ୍ୟୋଗର ଅନୁଭୂତି ବିନିମୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏହାସହିତ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ପାଇଁ ମହିଳା-ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ମିଶନ ଶକ୍ତି ବିଭାଗର ଆଗାମୀ କାର୍ଯ୍ୟଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯିବା ସହ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ସମସ୍ତ ଜିଲ୍ଲାର ଡିଏଲଏଫ୍ ର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନଙ୍କ ସହିତ ମଧ୍ୟ ସକାରାତ୍ମକ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶିନୀ,ଜିଏମ୍ ଆଣ୍ଡ କନଭେନର ,ଏସଏଲବିସି ଓଡ଼ିଶା ପ୍ରଣବ କୁମାର ବିଶ୍ୱାସଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ ସଦସ୍ୟା, ବ୍ୟାଙ୍କ ଓ ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ,ଆଭାଷୀ ମାଧ୍ୟମରେ ଜିଲ୍ଲାର ସମସ୍ତ ଅଧିକାରୀ ଓ ମା ମାନେ ଉପସ୍ଥିତ ଥିଲେ।

# ପୁଇଁତଲା ପ୍ରଗତି ଏଫ୍‌ପିସିର ଡାଲି ଓ ଧାନ ବିହନ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

ବଲାଙ୍ଗୀର, ୨୫/୦୬ (ନି.ପ୍ର): କୃଷକଙ୍କ ଆୟ ବୃଦ୍ଧି ଏବଂ ଉନ୍ନତ ମାନର ବିହନ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ବଲାଙ୍ଗୀର ଜିଲ୍ଲାର ପୁଇଁତଲା ବ୍ଲକ ଅନ୍ତର୍ଗତ କୁଣ୍ଡାମାଲ ଗ୍ରାମରେ ପୁଇଁତଲା ପ୍ରଗତି ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ ପକ୍ଷରୁ ଏକ ଡାଲି ଓ ଧାନ ବିହନ ପ୍ରକ୍ରିୟାକରଣ ୟୁନିଟ୍ ଉଦ୍ଘାଟିତ ହୋଇଯାଇଛି । ଏଲ୍‌ଟିଆଇ ଫାଉଣ୍ଡେସନ ଏବଂ ମହାଶକ୍ତି ଫାଉଣ୍ଡେସନ ସହାୟତାରେ ପ୍ରତିଷ୍ଠା ହୋଇଥିବା ଏହି ଉଦ୍‌ଘାଟନୀ ସମାରୋହରେ ପୁଇଁତଲା ବ୍ଲକର ବିଡିଓ ଶ୍ରୀ ଅମରେନ୍ଦ୍ର ସ୍ୱାଇଁ(ଓଏଏସ୍) ମୁଖ୍ୟ ଅତିଥି ଭାବେ ଯୋଗଦେଇ ୟୁନିଟ୍ ଶୁଭ ଉଦ୍‌ଘାଟନ କରିଥିଲେ। ନାବାର୍ଡର ଜିଲ୍ଲା ବିକାଶ ପ୍ରବନ୍ଧକ ଡ଼. ବିବେକ କୁମାର ନାୟକ, ରାଇଟ୍ ପ୍ରିନ୍ସିପାଲ୍ ସୁଧାକର ନନ୍ଦ, ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ଼. ମୋଶରାଫ ହୋସେନ, ମହାଶକ୍ତି ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଏବଂ କେଭିକେ ବଲାଙ୍ଗୀରର ମୁଖ୍ୟ ଡ଼. ସତ୍ୟମୟ ଶତପଥୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ କୃଷକ ଅଂଶୀଦାର ଉପସ୍ଥିତ ରହିଥିଲେ। ଅତିଥିମାନେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏହି ପ୍ରକ୍ରିୟାକରଣ ୟୁନିଟ୍ କୃଷକମାନଙ୍କ ପାଇଁ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ। ଏହା ମାଧ୍ୟମରେ ଉନ୍ନତ ଗୁଣବତାର ବିହନ ପ୍ରସ୍ତୁତି, ସଂରକ୍ଷଣ ଏବଂ ବଜାରକରଣ ସହଜ ହେବା ସହ କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହେବ। ପୁଇଁତଲା ପ୍ରଗତି ଏଫ୍‌ପିସିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ମୋତିଲାଲ ମିଶ୍ର ସମଗ୍ର କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ। କୃଷକଙ୍କ ସାମୂହିକ ଉଦ୍ୟମ ଏବଂ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ସ୍ଥାପିତ ଏହି ୟୁନିଟ୍ ଅଂଚଳର କୃଷିଭିତିକ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବ ବୋଲି ମତପ୍ରକାଶ ପାଇଛି। ଏହି ଅବସରରେ ସଫଳ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଶା ସରକାରଙ୍କ ଗୁଣବତା ଧାନ ଚାଷ ପ୍ରୋତ୍ସାହନ ଯୋଜନାରେ ଅତିଥିମାନଙ୍କ ଦ୍ୱାରା ବିହନ ବଂଟନ ଶୁଭାରମ୍ଭ କରାଯାଇଥିଲା। ସ୍ଥାନୀୟ କୃଷକମାନେ ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ, ଏହା ଅଂଚଳର କୃଷି ଉନ୍ନତି ଏବଂ କୃଷକ ସଶକ୍ତିକରଣ ଦିଗରେ ଏକ ନୂତନ ଅଧ୍ୟାୟ ରଚନା କରିବ ବୋଲି ଆଶା ପ୍ରକାଶ କରିଛନ୍ତି। ନିର୍ଦ୍ଦେଶକ ପ୍ରଦୀପ ପଧାନ, ସୁରେନ୍ଦ୍ର ମହାକୁର, ବୃନ୍ଦାବନ କ୍ଷେତି, ତ୍ରିନାଥ ମହାକୁର ମଧୁସୂଦନ କ୍ଷେତି, ଯାଜ୍ଞସେନୀ ବଗର୍ତୀ, ବସୁଦେବ ବସ୍ତିଆ, ପ୍ରହଲ୍ଲାଦ ଡାଙ୍ଗ, ଲକ୍ଷଣ ଡାଙ୍ଗ ଓ ଅନ୍ୟମାନେ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ଝାରପଡା ଜେଲରେ ୫ରୁ ଊର୍ଦ୍ଧ୍ୱ କଏଦୀ ଅସୁସ୍ଥ: କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି, କାରଣ ଅସ୍ପଷ୍ଟ, ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଭୁବନେଶ୍ୱର ଝାରପଡ଼ାସ୍ଥିତ ସ୍ୱତନ୍ତ୍ର କାରାଗାରରେ ହଠାତ୍ ୫ରୁ ଊର୍ଦ୍ଧ୍ୱ କଏଦୀ ଅସୁସ୍ଥ ହୋଇପଡିଛନ୍ତି। ଗତକାଲି (ମଙ୍ଗଳବାର) ରାତିରେ ଅସୁସ୍ଥ କଏଦୀମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅସୁସ୍ଥଙ୍କ ମଧ୍ୟରୁ ୩ ଗୁରୁତର ଥିବା ସୂଚନା ମିଳିଛି। ନିମ୍ନମାନର ଖାଦ୍ୟ ଖାଇ କଏଦୀମାନେ ଅସୁସ୍ଥ ହୋଇପଡିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଜେଲରେ କଏଦୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆଉ କିଛି କଏଦୀମାନେ ମଧ୍ୟ ସାମାନ୍ୟ ଅସୁସ୍ଥତା ଅନୁଭବ କରୁଛନ୍ତି। ତେବେ ସୁରକ୍ଷା ଦୃଷ୍ଟିରୁ କ୍ୟାପିଟାଲ ହସ୍ପିଟାଲରେ କମିଶନରେଟ୍ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବନ୍ଧୁକଧାରୀ ପୋଲିସ କର୍ମୀ ହସ୍ପିଟାଲ ପରିସରରେ ଜଗି ରହିଛନ୍ତି। ଏପରିକି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ହସ୍ପିଟାଲ ଯାଇ ସ୍ଥିତି ପରଖିବା ସହ ଘଟଣା ବିଷୟରେ ପଚାରି ବୁଝିଛନ୍ତି। ଅନ୍ୟପକ୍ଷରେ ଏନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। କଏଦୀମାନେ ହସ୍ପିଟାଲରେ ଭର୍ତ୍ତି ହେବା ପରେ ଏଠାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ଡିସିପି ସୂଚନା ଦେଇଛନ୍ତି । ଏନେଇ ଡିସିପି ମୀନା କହିଛନ୍ତି, ଅସୁସ୍ଥଙ୍କ ମଧ୍ୟରୁ ୪ ଜଣ ବିଚାରଧୀନ କିଏଦୀ ଥିବାବେଳେ ଜଣେ ଦଣ୍ଡ ଭୋଗୁଥିବା ଦୋଷୀ କଏଦୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଆଇସିୟୁରେ ଅଛନ୍ତି। କାହିଁକି ଏଭଳି ସ୍ଥିତି ଉପୁଜିଲା ସେନେଇ ଆମେ ଜାଣିବାକୁ ଚେଷ୍ଟା କରୁଛୁ। ଡାକ୍ତରମାନେ ମଧ୍ୟ ଜାଣିବାକୁ ଚେଷ୍ଟା କରୁଛନ୍ତି। ଜେଲରେ ଆଉ ଦୁଇ ଜଣ କଏଦୀ ମଧ୍ୟ ଅସୁସ୍ଥ ଅଛନ୍ତି। ସେମାନେ ହସ୍ପିଟାଲ ଆସିପାରନ୍ତି। ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲରେ ସୁରକ୍ଷାକର୍ମୀ ନିୟୋଜିତ କରିବାକୁ କୁହାଯାଇଥିଲା। ତେଣୁ ସୁରକ୍ଷା ଦୃଷ୍ଟିରୁ ହସ୍ପିଟାଲରେ ସ୍ୱତନ୍ତ୍ର ପୋଲିସ ଟିମ୍ ନିୟୋଜିତ କରାଯାଇଛି ବୋଲି ଡିସିପି କହିଛନ୍ତି।

## ଶେରଗଡ଼ ବ୍ଲକରେ ଏସ୍‌ଆଇଆର୍ ବୁଥ୍ ସ୍ତରୀୟ ବୈଠକ

ଗଞ୍ଜାମ, ୨୫/୦୬ (ନି.ପ୍ର): ଶେରଗଡ ବ୍ଲକରେ ଏସିଆଇଆର(ପୂର୍ବ ସ୍ୱତନ୍ତ୍ର ସଘନ ଭୋଟର ତାଲିକାକରଣ) ପାଇଁ ବିଭିନ୍ନ ବୁଥର ରାଜନୈତିକ ଦଳର ଏଜେଂଟଙ୍କୁ ନେଇ ବିଏଲ୍‌ଓ ଓ ସୁପର ଭାଇଜରଙ୍କ ଉପସ୍ଥିତିରେ ବୈଠକ ହୋଇଯାଇଛି। ପ୍ରତ୍ୟେକ ବୁଥ୍‌ରେ ସ୍ଥାନୀୟ କିଛି ବିଶିଷ୍ଟ ଭୋଟରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ବୁଥ୍ ସ୍ତରୀୟ କାର୍ଯ୍ୟକ୍ରମ ସୁରୁଖୁରୁରେ ଅନୁଷ୍ଠିତ ହୋଇଯାଇଛି।

# ବଲାଙ୍ଗୀର ଜିଲ୍ଲା ଲେଖକ ପରିଷଦର ମହାସମାବେଶ

ବଲାଙ୍ଗୀର, ୨୫/୦୬ (ନି.ପ୍ର): ଜିଲ୍ଲା ଭିତିକ ଅନୁଷ୍ଠାନ ଲେଖକ ପରିଷଦ, ବଲାଙ୍ଗୀରର ନେତୃତ୍ୱ ଓ ଚଉଷଠୀ ଯୋଗିନୀ ସାହିତ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର ଜିଲ୍ଲା ଲେଖକ ପରିଷଦର ମହାସମାବେଶ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ପଂଚାୟତ ସମିତି ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମା' ଦ୍ୱାରସେନୀ ଓ ସରସ୍ୱତୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ତଥା କବି ସୁଶାନ୍ତ ବାଗଙ୍କ ଦ୍ୱାରା ମାଙ୍ଗଳିକ ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ଲେଖକ ପରିଷଦର ସଭାପତି ଡଃ. ଜୟକୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିବା ଏହି ସଭାରେ କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଚଉଷଠୀ ଯୋଗିନୀ ସାହିତ୍ୟ କଳା ପରିଷଦର ସଭାପତି ଡଃ ନାରାୟଣ ମିଶ୍ର ଆବାହକ ଭାବରେ ମଂଚାସୀନ ଥିଲେ।

# ମା' ତାରିଣୀ ସୁପରସ୍ପେସାଲିଟି ହସ୍ପିଟାଲର ପ୍ରତିଷ୍ଠା ଦିବସ ପାଳିତ

କେନ୍ଦୁଝର, ୨୫/୦୬ (ନି.ପ୍ର): କେନ୍ଦୁଝରଗଡ଼ସ୍ଥ ସେଲ ଅଡିଟରିୟମ ଠାରେ ମା' ତାରିଣୀ ସୁପରସ୍ପେସିଆଲିଟି ହସ୍ପିଟାଲର ୨ୟ ବାର୍ଷିକ ପ୍ରତିଷ୍ଠା ଦିବସ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଧରଣୀଧର ମେଡିକାଲ କଲେଜ ହସ୍ପିଟାଲର ସୁପରିଟେଣ୍ଡ ମହେନ୍ଦ୍ର କୁମାର ନାଏକ, ଅବସରପ୍ରାପ୍ତ ଶ୍ରମ ଅଧିକାରୀ ଉପେନ୍ଦ୍ର ମହାନ୍ତ, ଢେଙ୍କାନାଳ ଏନ୍.ପି.ସି.ଏଲ୍.ର ଜି.ଏମ୍. ଅନନ୍ତ ମିଶ୍ର, ଗୋନାସିକା କଲେଜର ଡାଇରେକ୍ଟର ସୁରେଶ ଚନ୍ଦ୍ର ଖଟୋଇ, ଚାଟାର୍ଡ଼ ଆକାଉଂଟ ଶକ୍ତିପ୍ରସାଦ ରାଉତଙ୍କ ସହିତ ମା' ତାରିଣୀ ସୁପରସ୍ପେସିଆଲିଟି ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଗଣେଶ୍ୱର ମହାନ୍ତ, ନିର୍ଦ୍ଦେଶିକା ସୁଚିସ୍ମିତା ମହାନ୍ତ ମଂଚାସିନ ଥିଲେ। ଅତିଥିମାନେ କେନ୍ଦୁଝର ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ମା ତାରିଣୀ ହସ୍ପିଟାଲର ଯୁଗାନ୍ତକାରୀ ପଦକ୍ଷେପ ଓ ସମସ୍ତ ପ୍ରକାର ଚିକିତ୍ସା ସୁବିଧାର ଉପଲବ୍ଧ ପାଇଁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ପଦ୍ମଶ୍ରୀ ତୁଳସୀ ମୁଣ୍ଡା 'ମାନବ ସେବା ହିଁ ମାଧବ ସେବା'ର ବ୍ରତକୁ ପାଥେୟ କରି ହସ୍ପିଟାଲ ଅନୁସରଣ କରିବାକୁ ହସ୍ପିଟାଲର କର୍ମଚାରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ପ୍ରଥମେ ଅତିଥିମାନେ ମା' ତାରିଣୀ ଓ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପ, ପ୍ରଦୀପ ପ୍ରଜ୍ୟଳନ କରିବାପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଗଣେଶ୍ୱର ମହାନ୍ତ ହସ୍ପିଟାଲର ବାର୍ଷିକ ବିବରଣୀ ପାଠ କରିବା ସହିତ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନେ ହସ୍ପିଟାଲର ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ରାତିରେ ଭଲ ନିଦ ପାଇଁ ଆଜିହିଁ ଆରମ୍ଭ କରନ୍ତୁ ଏହି ଆୟୁର୍ବେଦିକ ପାନୀୟ



ସୁସ୍ଥ ରହିବା ପାଇଁ ଆମେ ପ୍ରତିଦିନ ରାତିରେ ଅତି କମରେ ୮ ଘଣ୍ଟା ଶୋଇବା ଉଚିତ ବୋଲି ଡାକ୍ତର ପରାମର୍ଶ ଦିଅନ୍ତି । କିନ୍ତୁ ଶୋଇବାକୁ ଚେଷ୍ଟା କରିବା ବେଳେବେଳେ କଷ୍ଟକର ହୋଇଥାଏ । ଆପଣ ପ୍ରକୃତରେ ଶୋଇବା ଅପେକ୍ଷା କିଛି ସମୟ ଶୋଇବା ପାଇଁ ଚେଷ୍ଟା କରିନ୍ତି ଏବଂ ସମୟ ଚାଲିଯାଏ । ଏହାର ସମାଧାନ ହଜାର ହଜାର ବର୍ଷ ଧରି ଥିବା ଆୟୁର୍ବେଦ ପାଖରେ ଅଛି । ଆସନ୍ତୁ ଦେଖିବା ଏହି ଆୟୁର୍ବେଦିକ ନିଦ ବୃଦ୍ଧିକରିବା ପାଇଁ କଣ କଣ ଉପାୟ ଦେଇଥାଏ । ଭଲ ନିଦ ପାଇଁ ଆମକୁ ସଠିକ ଭାବରେ ଖାଇବା ପିଇବା କରିବା ଉଚିତ୍ । ସେଥି ମଧ୍ୟରୁ ଆମେ ପିଇବା ପାଇଁ କଣ କଣ କରିପାରିବା ଆସନ୍ତୁ ଦେଖିବା ।

ପ୍ରଥମ ପାନୀୟ ହେଉଛି ମୁନ୍ ଡ୍ରିଙ୍କ୍ ;ଏକ ପାରମ୍ପରିକ ଆୟୁର୍ବେଦିକ ରେସିପି । ଏହା କିପରି ପ୍ରସ୍ତୁତ କରିବା ଆସନ୍ତୁ ଜାଣିବା ଏହା ଉଷୁମ କ୍ଷୀର, ହଳଦୀ, ଜାଇଫଳ ଏବଂ କେସର ସହିତ ତିଆରି କରାଯାଏ । ହଳଦୀ କ୍ଷତ ଏବଂ ପ୍ରଦାହକୁ ସୁସ୍ଥ କରିବା ଏବଂ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିବା ପାଇଁ ଜଣାଶୁଣା । ଜାଇଫଳ ଏବଂ କେସର ଚିନ୍ତା ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସାରେ ସହାୟକ । ଦ୍ୱିତୀୟ ପାନୀୟ ଏହି ପାନୀୟ ତିଆରି କରିବା ପାଇଁ ୧ କପ୍ କ୍ଷୀର ଗରମ କରନ୍ତୁ। ୧ ଚାମଚ ହଳଦୀ, ଅଧ ଚାମଚ ଜାଇଫଳ ପାଉଡର ଏବଂ ଏକ ଚିମୁଟା କେସର ମିଶାନ୍ତୁ । ଏହି ଗୋଲଡ୍ଡେନ ପାନୀୟ ଆପଣଙ୍କ ଶରୀର ଏବଂ ମନ ଉପରେ ଅତ୍ୟନ୍ତ ଶାନ୍ତ ପ୍ରଭାବ ପକାଇଥାଏ ।

ନିଦ ଆଣିବା ପାଇଁ ଆମର ତୃତୀୟ ପାନୀୟ ହେଉଛି ଯଷ୍ଟିମଧୁ ପାନୀୟ ଏବଂ ଏହାକୁ ଲାଇକୋରାଇସ୍ ପାନୀୟ ମଧ୍ୟ କୁହାଯାଏ । ଏହା କ୍ଷୀର ଏବଂ ଯଷ୍ଟିମଧୁ ସହିତ ତିଆରି କରାଯାଏ ଯାହାକୁ ଆଗରୁ 'ଲାଇକୋରାଇସ୍' କୁହାଯାଏ । ଯଷ୍ଟିମଧୁ ଶୁଖିଲା ମୂଳ, ପାଉଡର ଏବଂ ଟ୍ୟାବଲେଟର ଖଣ୍ଡ ଭାବରେ ଉପଲବ୍ଧ। ଆୟୁର୍ବେଦ ପ୍ରାୟତଃ ଚିନ୍ତାର ମୁକାବିଲା ପାଇଁ ଯଷ୍ଟିମଧୁ ବ୍ୟବହାର କରେ କାରଣ ଏହା ଅତ୍ୟଧିକ ସକ୍ରିୟ ସ୍ନାୟୁଗୁଡ଼ିକୁ ଶାନ୍ତ କରେ ଯାହା ଜଣେ ବ୍ୟକ୍ତିଙ୍କୁ ଅସ୍ଥିର କରିପାରେ। ଏହା ଶ୍ୱାସକ୍ରିୟା ଅବସ୍ଥା ଏବଂ ପାଚନ ଅସନ୍ତୁଳନ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ। ଏହି ପାନୀୟ ବହୁତ ଲାଭକାରୀ ।

# ଘର ଭାଙ୍ଗୁଛି ମୋବାଇଲ୍ : ସମ୍ପର୍କରେ ସନ୍ଦେହ ବଢ଼ାଉଛି ସ୍ମାର୍ଟଫୋନ୍




ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ଛାଡ଼ପତ୍ର ସମସ୍ୟା ବହୁଳ ମାତ୍ରାରେ ବଢ଼ିଯାଇଛି । ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ବୁଝାମଣାର ଅଭାବ । ଉଭୟ ଉଭୟଙ୍କ ପ୍ରତି ଦୋଷାରୋପ କରିବା, ପରସ୍ପର ପ୍ରତି ସନ୍ଦେହ ଯୋଗୁଁ ଛାଡ଼ପତ୍ର ସଂଖ୍ୟା ଦିନକୁ ଦିନ ବଢୁଛି । ଅଳ୍ପ କିଛି ମାମଲାରେ ସତ୍ୟତା ଥାଇପାରେ । ହେଲେ ଅଧିକାଂଶ ମାମଲାରେ ସନ୍ଦେହ ହିଁ ଛାଡ଼ପତ୍ରର ପ୍ରମୁଖ କାରଣ । ମୁଖ୍ୟତଃ ସ୍ମାର୍ଟଫୋନ୍ ଏଥିପାଇଁ ଦାୟୀ । ସରଳ ଭାଷାରେ କହିଲେ ସବୁ ନାଟର ଗୋବର୍ଦ୍ଧନ ହେଉଛି ମୋବାଇଲ୍ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଟିଂ ଯୋଗୁଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିଶ୍ୱାସ ଆଜି ସଂକଟରେ । ଯାହାଦ୍ୱାରା ପରସ୍ପର ମଧ୍ୟରେ ସନ୍ଦେହ ବଢୁଥିବା କଥା ରାଜ୍ୟ ମହିଳା ଆୟୋଗ ଅଧକ୍ଷା ଶୋଭନା ମହାନ୍ତି କହିଛନ୍ତି । ମୋବାଇଲ୍ ଜରିଆରେ ଶାଶୁଘରେ କରାଯାଉଥିବା କଥାବାର୍ତ୍ତା ଛାଡ଼ପତ୍ରର କାରଣ ପାଲଟୁଛି । ଅନ୍ୟପକ୍ଷରେ ଉଚ୍ଚ ବର୍ଗରେ ଅହଙ୍କାର ହେଉଛି ଏହାର ଦ୍ୱିତୀୟ ବଡ଼ କାରଣ । ଶାଶୁଘରର ପ୍ରତିଟି ଛୋଟରୁ ଛୋଟ କଥା ବାପଘରକୁ ଜଣାଇବା ଦ୍ୱାରା ସଂପର୍କରେ ଅଧିକ ଫାଟ ସୃଷ୍ଟି ହୁଏ ଏବଂ ସଂପର୍କ ଭାଙ୍ଗିବାର ସମ୍ଭାବନା ମଧ୍ୟ ବଢ଼ିଯାଏ । ଅନ୍ୟପକ୍ଷରେ ଆଇନଜୀବୀ କହିଛନ୍ତି ଯେ ଆର୍ଥିକ ସ୍ତରରେ ସବଳ ସ୍ୱାମୀ , ସ୍ତ୍ରୀଙ୍କ ଅହଙ୍କାର ଅଧିକ ଥାଏ । ଛୋଟ ଛୋଟ ଝଗଡ଼ାରେ ଦୁହିଁଙ୍କ ଇଗୋ ହର୍ଟ ହେଲେ ମାମଲା ଛାଡ଼ପତ୍ରର ରୂପ ନିଏ । ଯଦି ସ୍ୱାମୀ,ସ୍ତ୍ରୀ ଅନ୍ୟ କାହା ସାମ୍ନାରେ କାହାରିକୁ ପାଟି କରିଦିଅନ୍ତି ତା'ହେଲେ ଛାଡ଼ପତ୍ର ହେବାରେ ଅଧିକ ସମୟ ଲାଗେନି । ତେବେ ଖାଲି ଉଚ୍ଚ ବର୍ଗ କାହିଁକି ଏହି ତାଲିକାରେ ଗରିବ ଶ୍ରେଣୀର ଦମ୍ପତି ମଧ୍ୟ ସାମିଲ ହେଲେଣି । ହେଲେ ଗରିବ ମହଙ୍ଗା ନ୍ୟାୟ ବ୍ୟବସ୍ଥା ଏବଂ ଆଇନର ସାହାରା ନେଉନଥିବାରୁ ଏହି ସମସ୍ୟା ଆଗକୁ ଆସିନଥାଏ । ଫଳରେ ଏଭଳି ଦମ୍ପତି ସବୁବେଳେ ଝଗଡ଼ା ଲାଗି ଏକସଙ୍ଗରେ ରହିଯାଆନ୍ତି ନହେଲେ ଅଲଗା ହୋଇ ରୁହନ୍ତି । ରେକର୍ଡରେ ଏମାନଙ୍କ ନାଁ ଆସିନଥାଏ । କିନ୍ତୁ ସମ୍ଭ୍ରାନ୍ତ ଶ୍ରେଣୀ ବର୍ଗରେ ଅଧିକ ଦମ୍ପତି ଛାଡ଼ପତ୍ରର ବାଟ ବାଛିଥା'ନ୍ତି । ଯେଉଁଥିପାଇଁ ଏମାନଙ୍କ ରେକର୍ଡ ଅଧିକ ସାମ୍ନାକୁ ଆସିଥାଏ ।

ଗଳିକନ୍ଦିର କାନ୍ଥଠାରୁ ଆରମ୍ଭ କରି ଦୋକାନ,ବଜାରର ହୋର୍ଡିଂରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥାଏ ଯେ ଧୂମପାନ ସ୍ୱାସ୍ଥ୍ୟ ପ୍ରତି ଅହିତକର । କିନ୍ତୁ ଶରୀର ପ୍ରତି ବିପଦ ବୋଲି ଜାଣି ସୁଦ୍ଧା ଅନେକ ଲୋକ ଧୂମପାନ କରିବାକୁ ଆଦୌ କୁଣ୍ଠାବୋଧ କରନ୍ତି ନାହିଁ । ଆଉ ଯଦି କେହି ସିଗାରେଟ୍ ଛାଡ଼ିବା ପାଇଁ ଉପଦେଶ ଦିଅନ୍ତି ତାଙ୍କୁ ପରିହାସ କରିବାକୁ ପଛାନ୍ତି ନାହିଁ । ଅନେକ ଲୋକ ତ ଜନଗହଳିପୂର୍ଣ୍ଣ ସ୍ଥାନରେ ଫୁଁ' ଫୁ କରି ସିଗାରେଟର ଧୂଆଁ ଛାଡ଼ନ୍ତି । ସେମାନେ ନିଜ ଦେହକୁ ତ ଅବହେଳା କରନ୍ତି ତା' ସହିତ ସାମ୍ନା ଲୋକଟିର ସ୍ୱାସ୍ଥ୍ୟକୁ ମଧ୍ୟ ଖରାପ କରିଦିଅନ୍ତି । ବର୍ତ୍ତମାନ ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ ଜଣେ ପିତାଙ୍କ ଧୂମପାନ ଅଭ୍ୟାସ କେବଳ ତାଙ୍କ ନିଜ ସ୍ୱାସ୍ଥ୍ୟ ଉପରେ ନୁହେଁ ବରଂ ତାଙ୍କ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇପାରେ । ଗବେଷଣା ଅନୁଯାୟୀ ଯଦି ଜଣେ ବାପା ନିଜ ସନ୍ତାନଙ୍କ ଆଗରେ ଲଗାତାର ଧୂମପାନ କରନ୍ତି ତେବେ ଏହାର ପ୍ରଭାବ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇବ । କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡାକ୍ତରମାନେ ଏହି ଗବେଷଣା କରିଥିଲେ ଏବଂ ଏହାକୁ ଜର୍ଣ୍ଣାଲ ଅଫ୍ ଦି ଏଣ୍ଡୋକ୍ରାଇନ୍ ସୋସାଇଟିରେ ପ୍ରକାଶ କରାଯାଇଥିଲା । ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଯଦି ବାପା ଧୂମପାନ କରନ୍ତି ତେବେ ତାଙ୍କ ପିଲା ଟାଇପ୍ ୨ ମଧୁମେହ ଠାରୁ ଆରମ୍ଭ କରି




ଯକୃତ ରୋଗ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ମେଟାବୋଲିକ୍ ରୋଗର ଶିକାର ହୋଇପାରିବେ । ଧୂମପାନ କରୁଥିବା ପୁରୁଷଙ୍କ ଶୁକ୍ରାଣୁରେ ପରିବର୍ତ୍ତନ ଆସିପାରେ । ଏହି ପରିବର୍ତ୍ତନଗୁଡ଼ିକ ଜନ୍ମିତ ଶିଶୁର ଶରୀରରେ ଶର୍କରା ମେଟାବୋଲିଜିମ୍ ଏବଂ ଇନସୁଲିନ୍ କାର୍ଯ୍ୟକୁ ପ୍ରଭାବିତ କରିପାରେ ଯାହା ଶିଶୁ ଶରୀରରେ ମଧୁମେହ ହେବାର ଆଶଙ୍କା ବୃଦ୍ଧି କରାଏ । ଗବେଷଣାରେ ୧ ହଜାର ପୁରୁଷଙ୍କୁ ସାମିଲ କରାଯାଇଥିଲା । ଏହି ପୁରୁଷମାନେ ପ୍ରତିଦିନ ଧୂମପାନ କରୁଥିଲେ । ଏମାନଙ୍କ ସନ୍ତାନ ମଧ୍ୟରୁ ୩୦ ପ୍ରତିଶତଙ୍କ ମଧ୍ୟରେ ମଧୁମେହ ଏବଂ ଯକୃତ ସମ୍ବନ୍ଧୀୟ ସମସ୍ୟାର ଲକ୍ଷଣ ଦେଖାଯାଇଥିଲା । ଯଦିଓ ବୈଜ୍ଞାନିକମାନେ କହିଛନ୍ତି ଯେ ଗବେଷଣା ଏପର୍ଯ୍ୟନ୍ତ ବହୁତ ବଡ଼ ସ୍ତରରେ ନାହିଁ କିନ୍ତୁ ପ୍ରାରମ୍ଭିକ ଫଳାଫଳ ଦର୍ଶାଉଛି ଯେ ଧୂମପାନ ଭବିଷ୍ୟତରେ ପିଲାମାନଙ୍କ ଶରୀର ଉପରେ ଗଭୀର ପ୍ରଭାବ ପକାଇବ । ଧୂମପାନ ସମୟରେ ନିକୋଟିନ୍ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ କରେ । ଏହା ଶରୀରର ମେଟାବୋଲିଜିମ୍ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଯାହା ଇନସୁଲିନ୍ କାର୍ଯ୍ୟ କରିବାର ପଦ୍ଧତିକୁ ପରିବର୍ତ୍ତନ କରିବାର କ୍ଷମତା ରଖେ ଏବଂ ଏହାଦ୍ୱାରା ବ୍ୟକ୍ତିଙ୍କୁ ଟାଇପ୍ ୨ ମଧୁମେହ ରୋଗ ମଧ୍ୟ ହୋଇପାରେ । ଭବିଷ୍ୟତରେ ପିଲାମାନଙ୍କଠାରେ ମଧୁମେହ ରୋଗର ବିକାଶ ଏହାଦ୍ୱାରା ହିଁ ହୁଏ । ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ପିତାଙ୍କ ଧୂମପାନ ପିଲାମାନଙ୍କ ଯକୃତ କାର୍ଯ୍ୟକୁ ମଧ୍ୟ ପ୍ରଭାବିତ କରେ । ଡାକ୍ତରମାନେ କୁହନ୍ତି ଯେ ଯଦି ଜଣେ ପୁରୁଷ ପିତା ହେବାକୁ ଯୋଜନା କରୁଛନ୍ତି ତେବେ ସେ ଧୂମପାନରୁ ଦୂରେଇ ରହିବା ଉଚିତ । ଧୂମପାନ ଛାଡ଼ିବା ଦ୍ୱାରା କେବଳ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ନାହିଁ ବରଂ ଗର୍ଭସ୍ଥ ଶିଶୁ ରୋଗାଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ଅଛି ।



# ଚିନି ଛାଡ଼ି ଦେଖନ୍ତୁ: ଶରୀରରେ ଆସିବ ଚମତ୍କାର ପରିବର୍ତ୍ତନ !



କଣ ହୁଏ ଯେତେବେଳେ ଆପଣ ୧୪ଦିନ ପାଇଁ ଚିନି ବନ୍ଦ କରିଥାନ୍ତି । ଏହାକୁ ନେଇ ବିଶେଷଜ୍ଞ ମତ କଣ ଆସନ୍ତୁ ଜାଣିବା । ନୂଆ ବର୍ଷ ଆରମ୍ଭ ହୋଇ ପ୍ରାୟ ,୩ମାସ ହେଇଗଲାଣି , ଆପଣ ଯଦି ଏ ଜିନିଷ କରିନାହାନ୍ତି ତାହାଲେ ଏବେ ହି କରନ୍ତୁ । କିଛି ଜିନିଷର ଧ୍ୟାନ ଦିଅନ୍ତୁ ଜାହା ବଡ଼ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥାଏ । ଏପରି ଭାବରେ ଏହା ଠାରୁ ଭଲ ଉପାୟ ଆପଣ କଣ । ଯଦି ଏହି ଛୋଟ ଜିନିଷକୁ ନିଜର ନିତିଦିନିଆ ଜୀବନରେ ଆପଣେଇ ପାରିବେ ,ତାହାଲେ ଏହି ଅସୁସ୍ଥ କର ଜୀବନ ଛାଡ଼ି ଏକ ଭଲ ଜୀବନ ଯିଇ ପାରିବେ ଆସନ୍ତୁ ଜାଣିବା କଣ କରିବା ୧୪ ଦିନ ପାଇଁ ମିଠା ଜାତୀୟ ଖାଦ୍ୟ ନଖାଇଲେ କଣ ହୋଇଥାଏ ।

ଏକ ବଡ଼ ଗବେଷଣାରୁ ଜଣାପଡିଛି ଯେ ଅତ୍ୟଧିକ ଚିନି ମୋଟାପା, ଟାଇପ୍ ୨ ମଧୁମେହ, ଯକୃତରେ ଚର୍ବି ଏବଂ ହୃଦ୍ ସମସ୍ୟାର କାରଣ ହୁଏ । ତେଣୁ ଏହାକୁ କାଟିବା କେବଳ କ୍ୟାଲୋରି ପାଇଁ ନୁହେଁ । ଏହା ପ୍ରକୃତରେ ଆପଣଙ୍କ ଶରୀର ଶକ୍ତି ଏବଂ ଭୋକ ପରିଚାଳନା କରିବାର ପଦ୍ଧତିକୁ ପରିବର୍ତ୍ତନ କରେ । ଡାକ୍ତରଙ୍କ କହିବା ଅନୁସାରେ ଚିନିରେ ପ୍ରସ୍ତୁତ ଜିନିଷଗୁଡ଼ିକୁ ସ୍ୱାଦିଷ୍ଟ କରିବା ଅପେକ୍ଷା ବହୁତ କିଛି କ୍ଷତି କରିଥାଏ । ଏହା ଚୁପଚାପ୍ ଆପଣଙ୍କର ଇଚ୍ଛା, ଭୋକ ସଙ୍କେତ, ଇନସୁଲିନ୍ ଏବଂ ଯକୃତରେ ଚର୍ବି ସହିତ ବିଶୃଙ୍ଖଳିତ କରେ । ହଠାତ୍, ଆପଣଙ୍କ ଶରୀରର ନିଜସ୍ୱ ଶକ୍ତି ପ୍ରଣାଳୀ ଟ୍ରାକ୍‌ରୁ ଖସିଯାଏ ।

ଚିନି ବିନା ପ୍ରଥମ କିଛି ଦିନ ବହୁତ କଷ୍ଟକର ଲାଗିପାରେ । ଯେ ଅଧିକାଂଶ ଲୋକ ଲକ୍ଷ୍ୟ କରନ୍ତି ମିଠା ପାଇଁ ଲାଳସା ପ୍ରବଳ ହୁଏ ମୁଣ୍ଡବିନ୍ଧା କିମ୍ବା ଦୂରେଇ ଯାଇଥିବା ଅନୁଭବ ଚିଡ଼ଚିଡ଼ା, ମନୋଭାବ ପରିବର୍ତ୍ତନ, କିମ୍ବା କେବଳ ଦୁର୍ବଳ ଅନୁଭବ କିମ୍ବା ଧ୍ୟାନ ଦେବାରେ ଅସୁବିଧା ହୁଏ । ଏହା କିଛି ବିପଦପୂର୍ଣ୍ଣ ସଂଙ୍କେତ ନୁହେଁ, କିନ୍ତୁ ଆପଣଙ୍କ ମସ୍ତିଷ୍କ ନିଶ୍ଚିତ ଭାବରେ ଏହାର ସାଧାରଣ ଚିନି ସମାଧାନ ବିନା କ'ଣ କରିବେ ତାହା ଜାଣିବାକୁ ଚେଷ୍ଟା କରନ୍ତୁ । ଯେତେବେଳେ ଲୋକମାନେ ଚିନି ମିଶାଇବା ବନ୍ଦ କରନ୍ତି, ସେତେବେଳେ ପୁଷ୍ଟିସାର ବିଶେଷଜ୍ଞମାନେ ଏହି ପ୍ରାରମ୍ଭିକ ମନୋଭାବ ଏବଂ ଶକ୍ତି ପରିବର୍ତ୍ତନ ସବୁ ସମୟରେ ଦେଖନ୍ତି । ଏବଂ ଏହା ନିୟମିତ ୧୪ ଦିନ କଲା ଆପଣ ହାଲୁକା ଅନୁଭବ କରିବେ । ଧିରେ ଧିରେ ଆପଣଙ୍କ ବ୍ଲଡ ସୁଗାର ମଧ୍ୟ କମିଥାଏ । ଓଜନ ନିୟନ୍ତ୍ରଣ କରିବାରେ ସହାୟକ ହୁଏ । ଆପଣ ମଧ୍ୟରେ ଏକ ନୂତନ ପରିବର୍ତ୍ତନ ଦେଖାଯାଇଥାଏ । ଏହାକୁ କରିବା ଦ୍ୱାରା ଏକ ସୁସ୍ଥ ଶରୀର ଲାଭ ହୋଇଥାଏ ।

# ଯୁବପିଢ଼ିଙ୍କୁ ବଡ଼ ବିପଦ ଅବସାଦ : ୬୦ ରାଙ୍କରେ ଭାରତ

ମାନସିକ ସ୍ୱାସ୍ଥ୍ୟ ମାପକାଠି , ସ୍କୋରରେ ଭାରତୀୟ ଯୁବବର୍ଗ ନିମ୍ନମାନର ପ୍ରଦର୍ଶନ କରିଛନ୍ତି । ୮୪ଟି ଦେଶକୁ ନେଇ କରାଯାଇଥିବା ବୈଶ୍ୱିକ ସ୍ୱାସ୍ଥ୍ୟ ଅଧ୍ୟୟନରେ ଭାରତୀୟ ଯୁବପିଢ଼ି ୬୦ତମ ର୍‌ୟାଙ୍କ୍‌ରେ ରହିଛନ୍ତି । ଆମେରିକାର ସାପିଏନ୍ ଲାବ୍‌ସ ଦ୍ୱାରା ୨୦୨୫ରେ କରାଯାଇଥିବା ଅଧ୍ୟୟନ ଗ୍ଲୋବାଲ ମାଇଣ୍ଡ ହେଲ୍ଥରେ ୧୮ରୁ ୩୪ ବର୍ଷ ବୟସବର୍ଗର ଭାରତୀୟ ଯୁବବର୍ଗଙ୍କୁ ସାମିଲ କରାଯାଇଥିଲା । ତେବେ ୫୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବରିଷ୍ଠ ଭାରତୀୟଙ୍କ ତୁଳନାରେ ସେମାନଙ୍କ ମାନସିକ ସୁସ୍ଥତା ଖରାପ ଥିବା ଅଧ୍ୟୟନରୁ ଜଣାପଡ଼ିଛି । ବରିଷ୍ଠ ବ୍ୟକ୍ତିମାନଙ୍କ ମାନସିକ ସୁସ୍ଥତା ଏହି ଅଧ୍ୟୟନରେ ୪୯ ର୍‌ୟାଙ୍କ୍‌ରେ ରହିଛି ।

ବିଚଳିତ ବର୍ଗରେ ଭାରତୀୟ ଯୁବବର୍ଗଙ୍କ ଏମ୍‌ଏଚ୍‌କ୍ୟୁ ସ୍କୋର ୩୩ ଥିବାବେଳେ ୫୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ସ୍କୋର ପାଖାପାଖି ୧୦୦ ରହିଛି। ସବୁ ଦେଶରେ ମାନସିକ ସୁସ୍ଥତାରେ ବୟସ୍କଙ୍କ ତୁଳନାରେ ୧୮ରୁ ୩୫ ବର୍ଷ ବୟସ ବର୍ଗର ଯୁବବର୍ଗଙ୍କ ପ୍ରଦର୍ଶନ ଖରାପ ରହିଛି । ତେବେ ଘାନା, ନାଇଜେରିଆ, ଜିମ୍ବାୱେ, କେନିଆ ଏବଂ ତାଞ୍ଜାନିଆ ଆଦି ଆଫ୍ରିକୀୟ ଦେଶରେ ମାନସିକ ସୁସ୍ଥତା ତୁଳନାତ୍ମକ ଭାବେ ଭଲ ରହିଛି । ଅନ୍ୟ ପକ୍ଷରେ ଜାପାନ, ତାଇୱାନ, ହଂକଂ, ବ୍ରିଟେନ ଏବଂ ଚାଇନା ମାନସିକ ସୁସ୍ଥତା ର୍‌ୟାଙ୍କ୍‌ରେ ତଳେ ରହିଛନ୍ତି । ବିଶ୍ୱ ଖୁସି ସୂଚକାଙ୍କରେ ଶୀର୍ଷରେ ଥିବା ଫିନ୍ ?ଲାଣ୍ଡ ମାନସିକ ସୁସ୍ଥତା ସୂଚକାଙ୍କରେ ୫୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୨୮ରେ ଏବଂ ୧୮ରୁ ୩୫ ବର୍ଷ ବୟସ ବର୍ଗଙ୍କ ପାଇଁ ୪୦ତମ ସ୍ଥାନରେ ରହିଛି ।



୨୦୨୪ ଏବଂ ୨୦୨୫ରେ ୮୪ଟି ଦେଶର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଇଣ୍ଟରନେଟ୍ ସହ ଜଡ଼ିତ ବ୍ୟକ୍ତି ବିଶେଷଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି ।

ଏଥିରୁ ମୁକୁଳିବାର ଟିପ୍ସ :

ଶାରୀରିକ ଗତିବିଧି :
ଅବସାଦରୁ ମୁକୁଳିବାର ସହଜ ଉପାୟ ହେଉଛି ଯୋଗ । ଏହାସହ ସକାଳ ସନ୍ଧ୍ୟାରେ ଚାଲିବା, କିଛି ସମୟ ଜୁମ୍ବା ଏକ୍ସରସାଇଜ୍ କରିବା ଦ୍ୱାରା ଶରୀରରୁ ଏଣ୍ଡୋର୍ଫିନ୍ ହର୍ମୋନ୍ ରିଲିଜ୍ ହୁଏ , ଯାହା ମନକୁ ହାଲକା ବା ସହଜ କରିଦିଏ ।

ଗଭୀର ଶ୍ୱାସ ଓ ଧ୍ୟାନ : ଅବସାଦ ଅନୁଭବ କଲେ ବେଶି ନୁହେଁ ୪ରୁ ୫ ସେକେଣ୍ଡ ଗଭୀର ପ୍ରଶ୍ୱାସ ନିଅନ୍ତୁ , ୪ ସେକେଣ୍ଡେ ଶ୍ୱାସକୁ ଭିତରେ ରଖି ୪ ସେକେଣ୍ଡରେ ଛାଡ଼ନ୍ତୁ । ଏହା ସହ ଧ୍ୟାନ କରନ୍ତୁ , ଯାହା ମନକୁ ଶାନ୍ତ କରିଥାଏ ।

ସାତ୍ତ୍ୱିକ ଖାଦ୍ୟ, ଆବଶ୍ୟକ ନିଦ :
ସନ୍ତୁଳିତ ଆହାର ସହ ୬ରୁ ୭ ଘଣ୍ଟା ଶୁଅନ୍ତୁ । କଫି, ଚିନି ପରି ଜିନିଷରୁ ଦୂରେଇ ରୁହନ୍ତୁ । କୌଣସି ପ୍ରକାର ସ୍କ୍ରିନରୁ ଦୂରେଇ ରୁହନ୍ତୁ ।

ଡାଏରି ଲେଖନ୍ତୁ :
ନିଜ ବିଚାରକୁ କାଗଜରେ ଲେଖିଦିଅନ୍ତୁ । ଏହା ଦ୍ୱାରା ମନର ବୋଝ ହାଲକା ହୋଇଯାଏ । ଏହାସହ ସାଙ୍ଗ ମାନଙ୍କ ସହ ସମୟ ବିତାଇବା ସହ କାମରୁ କିଛି ଦିନର ବ୍ରେକ୍ ନେଇ ବୁଲିବାକୁ ଯାଆନ୍ତୁ , ଗୀତ ଶୁଣନ୍ତୁ ବା କୌଣସି ଯେକୌଣସି ରଚନାତ୍ମକ କାମରେ ନିଜକୁ ବ୍ୟସ୍ତ ରଖନ୍ତୁ ।ଦେଖିବେ ଧୀରେ ଧୀରେ ଆପଣଙ୍କ ଅବସାଦ ଦୂରେଇଯିବ ।

# ଜୁନୋଟିକ୍ ରୋଗର ବିପଦ: ନିପା ସଂକ୍ରମଣରୁ ଶିକ୍ଷା

ବିଶ୍ୱ ସ୍ୱାସ୍ଥ୍ୟ ଇତିହାସରେ ସଂକ୍ରାମକ ରୋଗର ଭୟାବହତା କେବେବି ନୂଆ ନୁହେଁ, କିନ୍ତୁ ୨୦୨୬ ମସିହାରେ ନିପା ଭୂତାଣୁର ପୁନଃ ପ୍ରାଦୁର୍ଭାବ ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏକ ଅତ୍ୟନ୍ତ ଗମ୍ଭୀର ଚେତାବନୀ ସୃଷ୍ଟି କରିଛି । ସମ୍ପ୍ରତି ପଶ୍ଚିମବଙ୍ଗରେ ନିପା ଭୂତାଣୁ ସଂକ୍ରମିତ ଜଣେ ରୋଗୀଙ୍କର ହୃଦଘାତ ବା କାର୍ଡିଆକ୍ ଆରେଷ୍ଟ ଯୋଗୁଁ ମୃତ୍ୟୁ ଘଟିବା ଘଟଣା ଏହି ବିପଦର ତୀବ୍ରତାକୁ ପୁଣିଥରେ ସାମ୍ନାକୁ ଆଣିଛି । କେବଳ ଜ୍ୱର କିମ୍ବା ଶ୍ୱାସକ୍ରିୟା ଜନିତ ସମସ୍ୟା ନୁହେଁ, ବରଂ ଏହି ଭୂତାଣୁ ମସ୍ତିଷ୍କ ଉପରେ ସ୍ଥାୟୀ କ୍ଷତି ପହଞ୍ଚାଇବା ସହ ହୃଦଘାତ ଭଳି ଘାତକ ପରିସ୍ଥିତି ସୃଷ୍ଟି କରୁଥିବା ବିଷୟ ବିଶେଷଜ୍ଞମାନଙ୍କୁ ଗଭୀର ଚିନ୍ତାରେ ପକାଇଛି । ଏହି ପରିପ୍ରେକ୍ଷୀରେ, ନିପା ଭୂତାଣୁର ପ୍ରକୃତି, ଏହାର ସାଂଘାତିକ ପରିଣାମ ଏବଂ ଏହାର ମୁକାବିଲା ପାଇଁ ଆବଶ୍ୟକ ରଣନୀତି ସମ୍ପର୍କରେ ଏକ ବିସ୍ତୃତ ଓ ତଥ୍ୟଭିତ୍ତିକ ବିଶ୍ଳେଷଣର ଆବଶ୍ୟକତା ରହିଛି ।

ନିପା ଭୂତାଣୁ (NiV) ହେଉଛି ଏକ ଜୁନୋଟିକ୍ ଭୂତାଣୁ, ଅର୍ଥାତ୍ ଏହା ପ୍ରାଣୀମାନଙ୍କ ଠାରୁ ମଣିଷକୁ ବ୍ୟାପିଥାଏ । ମୁଖ୍ୟତଃ ଟେରୋପସ୍ (Pteropus) ପ୍ରଜାତିର ଫଳଖିଆ ବାଦୁଡ଼ିମାନେ ଏହି ଭୂତାଣୁର ପ୍ରାକୃତିକ ବାହକ ଅଟନ୍ତି । ୨୦୨୬ର ଏହି ସଂକ୍ରମଣ ଲହର ପୂର୍ବ ଅପେକ୍ଷା ଅଧିକ ଜଟିଳ ବୋଲି ବିବେଚନା କରାଯାଉଛି, କାରଣ ସାମ୍ପ୍ରତିକ ଗବେଷଣା ଏବଂ ଡାକ୍ତରୀ ରିପୋର୍ଟ ଅନୁଯାୟୀ, ଏହି ଭୂତାଣୁ କେବଳ ଏନସେଫାଲାଇଟିସ୍ ବା ମସ୍ତିଷ୍କ ପ୍ରଦାହ ସୃଷ୍ଟି କରୁନାହିଁ, ବରଂ ଏହା ରୋଗୀକୁ କୋମା ଏବଂ ହୃଦଘାତ ଆଡକୁ ଦ୍ରୁତ ଗତିରେ ଠେଲି ଦେଉଛି। ପଶ୍ଚିମବଙ୍ଗରେ ଘଟିଥିବା ମୃତ୍ୟୁ ଏହାର ଏକ ଜ୍ୱଳନ୍ତ ଉଦାହରଣ ଅଟେ । ସାଧାରଣତଃ ନିପା ସଂକ୍ରମଣରେ ମୃତ୍ୟୁ ହାର ୪୦ରୁ ୭୫ ପ୍ରତିଶତ ମଧ୍ୟରେ ରହିଥାଏ, ଯାହା କୋଭିଡ-୧୯ ତୁଳନାରେ ଯଥେଷ୍ଟ ଅଧିକ । ଏହି ଉଚ୍ଚ ମୃତ୍ୟୁ ହାର ଏବଂ କୌଣସି ନିର୍ଦ୍ଦିଷ୍ଟ ଟିକା କିମ୍ବା ଔଷଧ ନଥିବା କାରଣରୁ ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO) ପକ୍ଷରୁ ଏକ ଅଗ୍ରାଧିକାର ରୋଗ ଭାବରେ ଚିହ୍ନିତ କରାଯାଇଛି । ବର୍ତ୍ତମାନର ପରିସ୍ଥିତିକୁ ବିଶ୍ଳେଷଣ କଲେ ଜଣାପଡେ ଯେ, ଭୂତାଣୁର ଲକ୍ଷଣଗୁଡ଼ିକରେ କିଛିଟା ପରିବର୍ତ୍ତନ କିମ୍ବା ତୀବ୍ରତା ପରିଲକ୍ଷିତ ହେଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଚେତାବନୀ ଅନୁଯାୟୀ, ନିପା ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କ କ୍ଷେତ୍ରରେ ଦୀର୍ଘମିଆଦୀ ସ୍ନାୟୁଗତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । ଯେଉଁମାନେ ଏହି ମାରାତ୍ମକ ରୋଗରୁ ବର୍ତ୍ତି ଯାଉଛନ୍ତି, ସେମାନଙ୍କ ମଧ୍ୟରୁ ଅନେକଙ୍କ ଠାରେ ସ୍ଥାୟୀ ମସ୍ତିଷ୍କ କ୍ଷତି (Permanent Brain Damage) ବା ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଭଳି ଲକ୍ଷଣ ଦେଖାଯାଉଛି । ଏହା କେବଳ ଏକ ସାମୟିକ ସଂକ୍ରମଣ ନୁହେଁ, ବରଂ ଏହା ଏକ ଜୀବନବ୍ୟାପୀ ଦୁର୍ବଳତା ସୃଷ୍ଟି କରିପାରେ । ପଶ୍ଚିମବଙ୍ଗର ଘଟଣାଟି ପ୍ରମାଣିତ କରୁଛି ଯେ ଭୂତାଣୁ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗକୁ ଅତି ଦ୍ରୁତ ଗତିରେ ନଷ୍ଟ କରିବାର କ୍ଷମତା ରଖିଛି, ଯେଉଁଠାରେ ହୃଦଯନ୍ତ୍ର କ୍ରିୟା ବନ୍ଦ ହେବା ମୃତ୍ୟୁର ଆସନ୍ନ କାରଣ ପାଲଟୁଛି । ଏହି ନୂତନ ତଥ୍ୟ ଚିକିତ୍ସା ବିଜ୍ଞାନ ପାଇଁ ଏକ ବଡ଼ ଆହ୍ୱାନ, କାରଣ ରୋଗୀକୁ ବଞ୍ଚାଇବା ପାଇଁ ଡାକ୍ତରମାନଙ୍କ ହାତରେ ଖୁବ୍ କମ୍ ସମୟ ରହୁଛି ।

ଭାରତରେ ନିପା ଭୂତାଣୁର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ପଶ୍ଚିମବଙ୍ଗ ଏବଂ କେରଳ ଏହି ରୋଗର ମୁଖ୍ୟ କେନ୍ଦ୍ରବିନ୍ଦୁ ରହିଆସିଛନ୍ତି । ୨୦୦୧ ମସିହାରେ ଶିଲିଗୁଡ଼ିରେ ଏବଂ ୨୦୦୭ରେ ନଦିଆ ଜିଲ୍ଲାରେ ଏହି ଭୂତାଣୁର ପ୍ରାଦୁର୍ଭାବ ଦେଖାଯାଇଥିଲା । ପଶ୍ଚିମବଙ୍ଗରେ ସଂକ୍ରମଣର ମୁଖ୍ୟ କାରଣ ପ୍ରାୟତଃ ଖଜୁରୀ ରସ ସହିତ ଜଡିତ ଥାଏ । ଶୀତଦିନେ ଖଜୁରୀ ଗଛରୁ ରସ ସଂଗ୍ରହ କରାଯାଏ, ଯାହାକୁ ବାଦୁଡ଼ିମାନେ ଦୂଷିତ କରିଥାନ୍ତି । ଯେତେବେଳେ ମଣିଷ ଏହି କଞ୍ଚା ରସ ପାନ କରେ, ଭୂତାଣୁ ସିଧାସଳଖ ମଣିଷ ଶରୀରକୁ ପ୍ରବେଶ କରେ। ୨୦୨୬ର ଏହି ଘଟଣା ପୁଣି ଥରେ ସେହି ପୁରୁଣା ଅଭ୍ୟାସ ଏବଂ ସଚେତନତାର ଅଭାବ ଆଡକୁ ଇଙ୍ଗିତ କରୁଛି । ଅନ୍ୟପକ୍ଷରେ, କେରଳରେ ବାରମ୍ବାର ପ୍ରାଦୁର୍ଭାବ ସତ୍ତ୍ୱେ ସେଠାକାର ସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ କଣ୍ଟାକ୍ଟ ଟ୍ରେସିଂ (Contact Tracing) ବ୍ୟବସ୍ଥା ଯୋଗୁଁ ମୃତ୍ୟୁ ସଂଖ୍ୟାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିଛି । କିନ୍ତୁ ପଶ୍ଚିମବଙ୍ଗର ଘନ ଜନବସତି ଏବଂ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଅପହଞ୍ଚତା ଏହି ବିପଦକୁ ଦ୍ୱିଗୁଣିତ କରୁଛି । ଏହି ସମସ୍ୟାର ମୂଳ କାରଣ କେବଳ ଭୂତାଣୁ ନୁହେଁ, ବରଂ ପରିବେଶଗତ ଅସନ୍ତୁଳନ ମଧ୍ୟ ଏଥିପାଇଁ ଦାୟୀ । ଜଙ୍ଗଲ କ୍ଷୟ ଏବଂ ସହରୀକରଣ ଯୋଗୁଁ ବାଦୁଡ଼ିମାନଙ୍କର ବାସସ୍ଥାନ ନଷ୍ଟ ହେଉଛି, ଫଳରେ ସେମାନେ ଖାଦ୍ୟ ଅନ୍ୱେଷଣରେ ମଣିଷ ବସତି ଆଡକୁ ମୁହାଁଉଛନ୍ତି । ଏହା ମଣିଷ ଏବଂ ବନ୍ୟପ୍ରାଣୀଙ୍କ ମଧ୍ୟରେ ସମ୍ପର୍କ ବଢାଉଛି, ଯାହା ଜୁନୋଟିକ୍ ରୋଗ ବ୍ୟାପିବାର ମୁଖ୍ୟ କାରଣ । 'ୱାନ୍ ହେଲ୍ଥ' (One Health) ଅବଧାରଣା, ଯାହା ମଣିଷ, ପ୍ରାଣୀ ଏବଂ ପରିବେଶ ସ୍ୱାସ୍ଥ୍ୟର ପାରସ୍ପରିକ ନିର୍ଭରଶୀଳତା ଉପରେ ଗୁରୁତ୍ୱ ଦିଏ, ତାହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଛି । ଯଦି ଆମେ ପରିବେଶ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେବା, ତେବେ ନିପା ଭଳି ଭୂତାଣୁ ବାରମ୍ବାର ଆମକୁ ଆକ୍ରମଣ କରିବ । ବିଶେଷ କରି ଓଡ଼ିଶା ଭଳି ରାଜ୍ୟ, ଯାହା ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଛି, ସେଠାରେ ମଧ୍ୟ ସତର୍କତା ଅବଲମ୍ବନ କରିବା ଜରୁରୀ ହୋଇପଡିଛି ।

ବର୍ତ୍ତମାନର ପରିସ୍ଥିତିରେ ସରକାର ଏବଂ ସାଧାରଣ ଜନତାଙ୍କ ମିଳିତ ଉଦ୍ୟମ ଏକାନ୍ତ ଆବଶ୍ୟକ । ପ୍ରଥମତଃ, ସର୍ଭେଲାନ୍ସ ବା ନିରୀକ୍ଷଣ ବ୍ୟବସ୍ଥାକୁ କଡାକଡି କରିବାକୁ ପଡିବ । ଜ୍ୱର, ମୁଣ୍ଡବିନ୍ଧା, ବାନ୍ତି ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ରୋଗୀମାନଙ୍କୁ ତୁରନ୍ତ ଚିହ୍ନଟ କରି ଅଲଗା ରଖିବା (Isolation) ଆବଶ୍ୟକ । ଦ୍ୱିତୀୟତଃ, ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଜରୁରୀ। ବିଶେଷକରି ଗ୍ରାମାଞ୍ଚଳରେ ଲୋକମାନଙ୍କୁ ବାଦୁଡ଼ି ଖାଇଥିବା ଫଳ କିମ୍ବା କଞ୍ଚା ଖଜୁରୀ ରସ ନ ଖାଇବାକୁ ପରାମର୍ଶ ଦେବା ଉଚିତ୍ । ତୃତୀୟତଃ, ଡାକ୍ତରଖାନାଗୁଡ଼ିକରେ ସଂକ୍ରମଣ ନିୟନ୍ତ୍ରଣ ପ୍ରୋଟୋକଲ୍ କଡାକଡି ଭାବେ ପାଳନ କରାଯିବା ଦରକାର, କାରଣ ନିପା ଭୂତାଣୁ ମଣିଷରୁ ମଣିଷକୁ (Human-to-Human) ଡାକ୍ତରଖାନା ପରିବେଶରେ ଦ୍ରୁତ ଗତିରେ ବ୍ୟାପିବାର ନଜିର ରହିଛି। ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଉପଯୁକ୍ତ ପିପିଇ (PPE) କିଟ୍ ଏବଂ ତାଲିମ ପ୍ରଦାନ କରିବା ସରକାରଙ୍କ ପ୍ରାଥମିକତା ହେବା ଉଚିତ୍ । ଆର୍ଥିକ ଦୃଷ୍ଟିକୋଣରୁ ଦେଖିଲେ, ଏଭଳି ପ୍ରାଦୁର୍ଭାବ ରାଜ୍ୟ ତଥା ଦେଶର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥାଏ। ପର୍ଯ୍ୟଟନ ଶିଳ୍ପ, କୃଷି (ବିଶେଷକରି ଫଳ ବ୍ୟବସାୟ) ଏବଂ ସାଧାରଣ ବାଣିଜ୍ୟ ବାଧାପ୍ରାପ୍ତ ହୁଏ । ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଲେ ବଜାର କାରବାର ମନ୍ଥର ହୋଇଯାଏ । ତେଣୁ, ଏହା କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ବରଂ ଏକ ଅର୍ଥନୈତିକ ବିପର୍ଯ୍ୟୟ ମଧ୍ୟ । ୨୦୨୬ର ଏହି ଆଉଟବ୍ରେକ୍ ବା ପ୍ରାଦୁର୍ଭାବ ଆମକୁ ଶିକ୍ଷା ଦେଉଛି ଯେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ବିନିଯୋଗ କେବେବି ଅପବ୍ୟୟ ନୁହେଁ । ମଲିକୁଲାର ଡାଇଗ୍ନୋଷ୍ଟିକ୍ ଲ୍ୟାବ୍ ପ୍ରତିଷ୍ଠା, ଗବେଷଣା ଏବଂ ଟିକା ବିକାଶ ଦିଗରେ ଭାରତ ସରକାର ଅଧିକ ପୁଞ୍ଜି ନିବେଶ କରିବା ଆବଶ୍ୟକ। ଅଷ୍ଟ୍ରେଲିଆ ଏବଂ ଅନ୍ୟାନ୍ୟ ଦେଶରେ ନିପା ଭୂତାଣୁ ପାଇଁ ମୋନୋକ୍ଲୋନାଲ ଆଣ୍ଟିବଡି (Monoclonal Antibody) ଚିକିତ୍ସା ଉପରେ ପରୀକ୍ଷଣ ଚାଲିଛି, ଭାରତ ମଧ୍ୟ ଏହି ଦିଗରେ ଅନ୍ତର୍ଜାତୀୟ ସହଯୋଗ ବୃଦ୍ଧି କରିବା ଉଚିତ୍ ।

ପରିଶେଷରେ, ନିପା ଭୂତାଣୁର ଏହି ନୂତନ ଲହର ଏବଂ ଏହାର ଘାତକ ରୂପ ଆମ ସମସ୍ତଙ୍କ ପାଇଁ ଏକ ସତର୍କ ଘଣ୍ଟି । ହୃଦଘାତ ଏବଂ ସ୍ଥାୟୀ ମସ୍ତିଷ୍କ ବିକୃତି ଭଳି ପରିଣାମ ଏହି ରୋଗକୁ ଅଧିକ ଭୟଙ୍କର କରିଦେଇଛି । କେବଳ ଭୟଭୀତ ନ ହୋଇ ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ସତର୍କତା ଅବଲମ୍ବନ କଲେ ଆମେ ଏହି ବିପଦର ମୁକାବିଲା କରିପାରିବା । ପ୍ରକୃତି ସହ ଖେଳିବାର ପରିଣାମ ଯେ କେତେ ଭୟାବହ ହୋଇପାରେ, ତାହା ନିପା ଭୂତାଣୁ ବାରମ୍ବାର ମନେ ପକାଇ ଦେଉଛି । ଏଣୁ ପରିବେଶ ସନ୍ତୁଳନ ରକ୍ଷା କରିବା ସହ ଏକ ସୁଦୃଢ଼ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ଗଠନ କରିବା ହିଁ ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ ଓ ଆବଶ୍ୟକତା ।

# ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ



**ସନାତନ ମହାକୁଡ଼**

ସୁସ୍ଥ, ସକ୍ରିୟ ଓ ସମୃଦ୍ଧ ଜୀବନର ଆଧାର ଯୋଗ ମଣିଷ ଜୀବନରେ ବାର୍ଦ୍ଧକ୍ୟ ଏକ ସ୍ୱାଭାବିକ ଏବଂ ଅନିବାର୍ଯ୍ୟ ପର୍ଯ୍ୟାୟ। ଜନ୍ମରୁ ଆରମ୍ଭ କରି ଶୈଶବ, କୈଶୋର, ଯୌବନ ଏବଂ ପ୍ରୌଢ଼ାବସ୍ଥା ଅତିକ୍ରମ କରି ପ୍ରତ୍ୟେକ ବ୍ୟକ୍ତି ବାର୍ଦ୍ଧକ୍ୟରେ ପ୍ରବେଶ କରେ। ବୟସ ବଢ଼ିବା ଏକ ପ୍ରାକୃତିକ ପ୍ରକ୍ରିୟା ହେଲେ ମଧ ଏହା ସହିତ ଶରୀର ଓ ମନରେ ଅନେକ ପରିବର୍ତ୍ତନ ଘଟିଥାଏ। ମାଂସପେଶୀର ଶକ୍ତି କମିଯାଏ, ହାଡ଼ ଦୁର୍ବଳ ହୁଏ, ଗଣ୍ଠିର ଚଳନଶୀଳତା ହ୍ରାସ ପାଏ, ଦୃଷ୍ଟିଶକ୍ତି ଓ ଶ୍ରବଣଶକ୍ତିରେ ପରିବର୍ତ୍ତନ ଆସେ। ସେହିପରି ମାନସିକ ସ୍ତରରେ ଚିନ୍ତା, ଏକଲାପଣ, ଅବସାଦ ଏବଂ ସ୍ମୃତିଶକ୍ତି ହ୍ରାସ ଭଳି ସମସ୍ୟା ମଧ ଦେଖା ଯାଇଥାଏ। କିନ୍ତୁ ବାର୍ଦ୍ଧକ୍ୟର ଅର୍ଥ ରୋଗଗ୍ରସ୍ତ କିମ୍ବା ନିର୍ଭରଶୀଳ ଜୀବନ ନୁହେଁ। ଉଚିତ ଜୀବନଶୈଳୀ, ସନ୍ତୁଳିତ ଆହାର, ସକାରାତ୍ମକ ଚିନ୍ତାଧାରା ଏବଂ ନିୟମିତ ଯୋଗାଭ୍ୟାସ ମାଧ୍ୟମରେ ସୁସ୍ଥ, ସକ୍ରିୟ ଓ ଆନନ୍ଦମୟ ବାର୍ଦ୍ଧକ୍ୟ ସମ୍ଭବ। ଭାରତର ପ୍ରାଚୀନ ଜ୍ଞାନପରମ୍ପରାର ଅମୂଲ୍ୟ ଉପହାର ଯୋଗ ଆଜି ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଏକ ପ୍ରଭାବଶାଳୀ ଉପାୟ ଭାବେ ସ୍ୱୀକୃତି ପାଇଛି।

'ଯୋଗ' ଶବ୍ଦଟି ସଂସ୍କୃତ ଶବ୍ଦ 'ଯୁଜ୍'ରୁ ଉତ୍ପନ୍ନ, ଯାହାର ଅର୍ଥ ହେଉଛି ସଂଯୋଗ କିମ୍ବା ଏକତା। ଯୋଗ କେବଳ କିଛି ଶାରୀରିକ ଆସନର ସମାହାର ନୁହେଁ; ଏହା ଶରୀର, ମନ ଓ ଆତ୍ମା ମଧ୍ୟରେ ସନ୍ତୁଳନ ସୃଷ୍ଟି କରିବାର ଏକ ସାମଗ୍ରିକ ଜୀବନ ପଦ୍ଧତି। ଯୋଗର ମୁଖ୍ୟ ଅଂଶ ହେଉଛି ଆସନ, ପ୍ରାଣାୟାମ, ଧ୍ୟାନ, ବିଶ୍ରାମ ଓ ଶିଥିଳିକରଣ।

ଆଧୁନିକ ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ ଯୋଗ ଶରୀରର ବିଭିନ୍ନ କାର୍ଯ୍ୟ ପ୍ରଣାଳୀ ଯଥା ହୃଦୟର ରକ୍ତସଞ୍ଚାଳନ, ଶ୍ୱାସକ୍ରିୟା, ସ୍ନାୟୁତନ୍ତ୍ର ଓ ଅନ୍ତଃସ୍ରାବୀ ତନ୍ତ୍ର ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।

ବାର୍ଦ୍ଧକ୍ୟରେ ହେଉଥିବା ପରିବର୍ତ୍ତନ ବୟସ ବଢ଼ିବା ସହିତ ଶରୀରର କୋଷଗୁଡ଼ିକର ପୁନର୍ଗଠନ କ୍ଷମତା କମିଯାଏ। ଫଳସ୍ୱରୂପ ଶରୀରର ଶକ୍ତି ଓ ସହନଶୀଳତା ହ୍ରାସ ପାଏ। ମାଂସପେଶୀର ପରିମାଣ କମିଯାଏ, ହାଡ଼ର ଘନତା ହ୍ରାସ ପାଏ ଏବଂ ଗଣ୍ଠିଗୁଡ଼ିକ କଠିନ ହୋଇଯାଏ। ଏହାଛଡ଼ା ରକ୍ତଚାପ, ମଧୁମେହ, ହୃଦରୋଗ, ଅଷ୍ଟିଓପୋରୋସିସ, ନିଦ୍ରାହୀନତା ଓ ମାନସିକ ଅବସାଦ ଭଳି ରୋଗର ଆଶଙ୍କା ବଢ଼ିଯାଏ।

ଏହି ସବୁ ପରିବର୍ତ୍ତନ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରେ। ଅନେକ ବୃଦ୍ଧ ବ୍ୟକ୍ତି ନିଜର ସ୍ୱାଧୀନତା ହରାଇବାର ଭୟ ଅନୁଭବ କରନ୍ତି। ତେଣୁ ବାର୍ଦ୍ଧକ୍ୟକୁ ସୁସ୍ଥ ଓ ସକ୍ରିୟ କରିବା ପାଇଁ ଏପରି ଏକ ପଦ୍ଧତି ଆବଶ୍ୟକ, ଯାହା ଶରୀର ଓ ମନ ଉଭୟର ଯତ୍ନ ନେଇପାରିବ। ଯୋଗ ସେହି ଆବଶ୍ୟକତା ପୂରଣ କରିପାରିବ।

ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗର ଉପକାରିତା-

୧.ଶାରୀରିକ ନମନୀୟତା ବୃଦ୍ଧି
ବୟସ ବଢ଼ିବା ସହିତ ଶରୀରର ନମନୀୟତା କମିଯାଏ। ନିୟମିତ ଯୋଗାଭ୍ୟାସ ମାଂସପେଶୀ ଓ ଗଣ୍ଠିଗୁଡ଼ିକୁ ସକ୍ରିୟ ରଖି ଶରୀରକୁ ଲଚକଦାର କରେ। ଏହା ଫଳରେ ଦୈନନ୍ଦିନ କାର୍ଯ୍ୟ ଯଥା ଚାଲିବା, ବସିବା, ଉଠିବା ଓ ସିଡ଼ି ଚଢ଼ିବା ସହଜ ହୁଏ।

୨.ସନ୍ତୁଳନ ଓ ଚଳନଶୀଳତାର ଉନ୍ନତି।
ବୃଦ୍ଧାବସ୍ଥାରେ ସନ୍ତୁଳନ କ୍ଷମତା କମିଯିବାରୁ ପଡ଼ିଯିବାର ଆଶଙ୍କା ବଢ଼ିଯାଏ। ବୃକ୍ଷାସନ ଓ ତାଡାସନ ଭଳି ଆସନ ଶରୀରର ସନ୍ତୁଳନ କ୍ଷମତା ବଢ଼ାଇଥାଏ। ଏହା ଦୁର୍ଘଟଣା ଓ ହାଡ଼ ଭାଙ୍ଗିବାର ଭୟକୁ କମାଏ।



୩.ମାଂସପେଶୀ ଓ ହାଡ଼କୁ ଶକ୍ତିଶାଳୀ କରେ: ନିୟମିତ ଯୋଗ ମାଂସପେଶୀକୁ ସୁଦୃଢ଼ କରିଥାଏ ଏବଂ ହାଡ଼ର ସ୍ୱାସ୍ଥ୍ୟ ରକ୍ଷାରେ ସହାୟକ ହୁଏ। ବୟସ ବଢ଼ିବା ସହିତ ଯେଉଁ ଶାରୀରିକ ଦୁର୍ବଳତା ଦେଖାଯାଏ, ଯୋଗ ତାହାକୁ ଅନେକାଂଶରେ ନିୟନ୍ତ୍ରଣ କରିପାରେ।

୪.ହୃଦୟ ସ୍ୱାସ୍ଥ୍ୟର ସୁରକ୍ଷା :
ଯୋଗ ଓ ପ୍ରାଣାୟାମ ରକ୍ତସଞ୍ଚାଳନକୁ ସୁଧାରିଥାଏ। ଗଭୀର ଶ୍ୱାସ ଗ୍ରହଣ ଓ ନିୟନ୍ତ୍ରିତ ଶ୍ୱାସ-ପ୍ରଶ୍ୱାସ ହୃଦୟ ଉପରେ ଥିବା ଚାପକୁ କମାଏ। ନିୟମିତ ଯୋଗ ରକ୍ତଚାପ ନିୟନ୍ତ୍ରଣରେ ସହାୟକ ହେବା ସହ ହୃଦରୋଗର ଆଶଙ୍କା ହ୍ରାସ କରିଥାଏ।

୫.ଶ୍ୱାସକ୍ରିୟାର ଉନ୍ନତି :
ବୟସ ବଢ଼ିବା ସହିତ ଫୁସଫୁସର କାର୍ଯ୍ୟକ୍ଷମତା କମିପାରେ। ପ୍ରାଣାୟାମ ଫୁସଫୁସକୁ ଶକ୍ତିଶାଳୀ କରି ଶରୀରକୁ ଅଧିକ ଅମ୍ଳଜାନ ଯୋଗାଇଥାଏ। ଏହା ଶରୀରର ସମସ୍ତ ଅଙ୍ଗକୁ ସକ୍ରିୟ ରଖିବାରେ ସହାୟକ ହୁଏ।

୬.ମାନସିକ ସ୍ୱାସ୍ଥ୍ୟର ଉନ୍ନତି
ବାର୍ଦ୍ଧକ୍ୟରେ ଏକଲାପଣ ଓ ମାନସିକ ଚାପ ଏକ ସାଧାରଣ ସମସ୍ୟା। ଧ୍ୟାନ ଓ ପ୍ରାଣାୟାମ ମନକୁ ଶାନ୍ତ କରି ଚିନ୍ତା ଓ ଅବସାଦକୁ କମାଏ। ଯୋଗ ମନରେ ସକାରାତ୍ମକତା ଆଣି ଜୀବନ ପ୍ରତି ଆଶା ଓ ଉତ୍ସାହ ବଢ଼ାଏ।ସ୍ମୃତିଶକ୍ତି ଓ ଏକାଗ୍ରତା ବୃଦ୍ଧି ଧ୍ୟାନ ମସ୍ତିଷ୍କକୁ ସକ୍ରିୟ ରଖିବାରେ ସହାୟତା କରେ। ନିୟମିତ ଧ୍ୟାନ କରୁଥିବା ବ୍ୟକ୍ତିଙ୍କର ସ୍ମୃତିଶକ୍ତି, ଏକାଗ୍ରତା ଓ ଚିନ୍ତନ କ୍ଷମତା ଉନ୍ନତ ହୁଏ। ବୃଦ୍ଧାବସ୍ଥାରେ ମାନସିକ ସକ୍ରିୟତା ରକ୍ଷା କରିବାରେ ଏହା ବିଶେଷ ଉପକାରୀ।

୭. ଉତ୍ତମ ନିଦ୍ରା : ନିଦ୍ରାହୀନତା ଅନେକ ବୃଦ୍ଧ ବ୍ୟକ୍ତିଙ୍କ ଜୀବନକୁ ପ୍ରଭାବିତ କରେ। ଯୋଗ ଶରୀର ଓ ମନକୁ ଶିଥିଳ କରି ଗଭୀର ଏବଂ ଆରାମଦାୟକ ନିଦ୍ରାରେ ସହାୟତା କରେ।

୮.ବୈଜ୍ଞାନିକ ଦୃଷ୍ଟିକୋଣ :
ଗତ କିଛି ଦଶକ ମଧ୍ୟରେ ବିଭିନ୍ନ ଦେଶରେ ଯୋଗ ଉପରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ଯୋଗ ଅଭ୍ୟାସ କରୁଥିବା ବୃଦ୍ଧମାନଙ୍କର ଶାରୀରିକ କ୍ଷମତା, ମାନସିକ ସୁସ୍ଥତା ଓ ଜୀବନର ଗୁଣାତ୍ମକମାନରେ ଉନ୍ନତି ଘଟିଥାଏ। ଅନେକ ଅଧ୍ୟୟନରେ ଦେଖାଯାଇଛି ଯେ ଯୋଗ ଅଭ୍ୟାସ କରୁଥିବା ବ୍ୟକ୍ତିଙ୍କର ଚାପ ହରମୋନର ସ୍ତର କମିଥାଏ ଏବଂ ଶରୀରରେ ପ୍ରଦାହ ସୃଷ୍ଟିକାରୀ ତତ୍ତ୍ୱର ପରିମାଣ ହ୍ରାସ ପାଏ।

କେତେକ ଗବେଷଣା ଏହା ମଧ ସୂଚିତ କରିଛି ଯେ ଯୋଗ କୋଷୀୟ ସ୍ତରରେ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧୀର କରିବାରେ ସହାୟକ ହୋଇପାରେ। ଯଦିଓ ଏହି କ୍ଷେତ୍ରରେ ଅଧିକ ଗବେଷଣା ଆବଶ୍ୟକ, ତଥାପି ବର୍ତ୍ତମାନର ତଥ୍ୟ ଯୋଗର ସକାରାତ୍ମକ ପ୍ରଭାବକୁ ସମର୍ଥନ କରୁଛି।

ବୃଦ୍ଧମାନଙ୍କ ପାଇଁ ଉପଯୁକ୍ତ ଯୋଗାଭ୍ୟାସ-

ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ନିମ୍ନଲିଖିତ ଯୋଗାସନ ଓ ପ୍ରାଣାୟାମ ବିଶେଷ ଉପଯୁକ୍ତ— ସୂକ୍ଷ୍ମ ବ୍ୟାୟାମ, ଗ୍ରୀବା ଶକ୍ତି ବିକାଶକ, କଟୀ ଚାଳନା, ତାଡାସନ, ଅର୍ଧଚକ୍ରାସନ, ପାଦ ହସ୍ତାସନ, ତ୍ରିକୋଣାସନ, ଉତ୍କଟାସନ, ବୃକ୍ଷାସନ, ଭଦ୍ରାସନ, ବଜ୍ରାସନ, ମଣ୍ଡୁକାସନ, ଅର୍ଧ ଉଷ୍ଟ୍ରାସନ, ଶଶାଙ୍କାସନ, ବକ୍ରାସନ, ଗୋମୁଖାସନ, ମକରାସନ ଭୁଜଙ୍ଗାସନ, ସଲଭାସନ, ସେତୁବନ୍ଧାସନ, ପବନମୁକ୍ତାସନ ଶବାସନ ଅନୁଲୋମ-ବିଲୋମ ବା ନାଡୀଶୋଧନ, ଭ୍ରାମରୀ ପ୍ରାଣାୟାମ ଧ୍ୟାନ, ସଂକଳ୍ପ ଇତ୍ୟାଦି ଅଭ୍ୟାସଗୁଡ଼ିକ ସରଳ, ସୁରକ୍ଷିତ ଏବଂ ବୃଦ୍ଧମାନଙ୍କ ପାଇଁ ଉପଯୋଗୀ।ଞ ସତର୍କତା-

ଯୋଗାଭ୍ୟାସ କରିବା ସମୟରେ ବୟସ, ଶାରୀରିକ କ୍ଷମତା ଏବଂ ସ୍ୱାସ୍ଥ୍ୟ ଅବସ୍ଥାକୁ ବିଚାର କରିବା ଆବଶ୍ୟକ। ହୃଦରୋଗ, ଉଚ୍ଚ ରକ୍ତଚାପ, ଅସ୍ଥିସମ୍ବନ୍ଧୀୟ ଗୁରୁତର ସମସ୍ୟା କିମ୍ବା ଅନ୍ୟାନ୍ୟ ଦୀର୍ଘକାଳୀନ ରୋଗ ଥିଲେ ଚିକିତ୍ସକ ଏବଂ ପ୍ରଶିକ୍ଷିତ ଯୋଗ ଶିକ୍ଷକଙ୍କ ପରାମର୍ଶରେ ଯୋଗ କରିବା ଉଚିତ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ସୁସ୍ଥ ବାର୍ଦ୍ଧକ୍ୟ କେବଳ ଅଧିକ ବର୍ଷ ବଞ୍ଚିବା ପାଇଁ ନୁହେଁ; ବରଂ ସେହି ବର୍ଷଗୁଡ଼ିକୁ ସୁସ୍ଥ, ସକ୍ରିୟ, ସ୍ୱାଧୀନ ଓ ଆନନ୍ଦମୟ ଭାବରେ ବିତାଇବା ପାଇଁ ହେବା ଦରକାର। ଯୋଗ ଏହି ଲକ୍ଷ୍ୟ ପୂରଣରେ ଏକ ଶକ୍ତିଶାଳୀ ମାଧ୍ୟମ। ଏହା ଶରୀରକୁ ସୁଦୃଢ଼ କରେ, ମନକୁ ଶାନ୍ତ ରଖେ, ଭାବନାକୁ ସନ୍ତୁଳିତ କରେ ଏବଂ ଜୀବନର ଗୁଣାତ୍ମକ ମାନବୃଦ୍ଧି କରେ।

ଆଜିର ପରିବର୍ତ୍ତିତ ସାମାଜିକ ଓ ସ୍ୱାସ୍ଥ୍ୟ ପରିପ୍ରେକ୍ଷୀରେ ଯୋଗ କେବଳ ଏକ ବ୍ୟାୟାମ ନୁହେଁ, ବରଂ ସୁସ୍ଥ ଓ ଗରିମାମୟ ବାର୍ଦ୍ଧକ୍ୟର ଏକ ସଫଳ ଜୀବନଦର୍ଶନ। ଯଦି ପ୍ରତ୍ୟେକ ବ୍ୟକ୍ତି ଦୈନନ୍ଦିନ ଜୀବନରେ ଯୋଗ, ପ୍ରାଣାୟାମ ଓ ଧ୍ୟାନକୁ ସ୍ଥାନ ଦିଅନ୍ତି, ତେବେ ସମସ୍ତେ କେବଳ ଦୀର୍ଘାୟୁ ନୁହେଁ ବରଂ ସୁସ୍ଥ, ସକ୍ରିୟ ଓ ଅର୍ଥପୂର୍ଣ୍ଣ ଜୀବନର ଅଧିକାରୀ ହୋଇପାରିବେ।

+ ଗ୍ରାମ /ପୋ.ଅ- ବେରୁଆଁବାରୀ, ଜିଲ୍ଲା- ନୟାଗଡ଼,
ଓଡ଼ିଶା : ୭୫୨୦୮୨
ମୋ: ୯୩୩୯୬୧୦୧୬୮

# ବର୍ବର, ଅଭଦ୍ରୋଚିତ ଓ ଅମାନୁଷିକ !



**ମହେଶ୍ୱର ପାତ୍ର**

ରାୟଗଡ଼ା ଜିଲ୍ଲାର କେ.ସିଙ୍ଗପୁର ବ୍ଲକ ଅନ୍ତର୍ଭୁକ୍ତ ଇନ୍ତାଲିଗୁଡ଼ା ଗ୍ରାମ ନିକଟରେ ଏକ ଲଜ୍ଜାଜନକ ତଥା ଲୋମହର୍ଷଣକାରୀ ଘଟଣା ଘଟିଯାଇଛି। ଯାହା ଦ୍ୱାପର ଯୁଗରେ ଘଟିଥିବା ଦ୍ରୌପଦୀଙ୍କ ବସ୍ତ୍ର ହରଣ କଥା ମନେ ପକାଇ ଦେଉଛି । ଏହି ଅମାନବୀୟ କାଣ୍ଡ ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେଇଛି ।ଓଡିଶାର ନାଁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଘଟଣା ସେତେବେଳେ ଘଟିଛି ଯେତେବେଳେ ମହାମହିମ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟସୂଚୀ ରହିଛି। ଭିଡ଼ ହିଂସାର ଏହି ଭୟାନକ ତଥା ଅମାନବୀୟ କାଣ୍ଡ ଏବେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି। ଯେଉଁଥିରେ ଜଣେ ନିରୀହ ଯୁବତୀ (ଛାତ୍ରୀ)ଙ୍କୁ କିଛି ଅସାମାଜିକ ତଥା ପିଶାଚ ପ୍ରକୃତିର ଲୋକ ପିଲା ଚୋରଣି ସନ୍ଦେହରେ ଅକଥନୀୟ ନିର୍ଯାତନା ଦେବା ସହ ତାଙ୍କୁ ସମ୍ପୂର୍ଣ୍ଣ ନିବସ୍ତ୍ର କରିପକାଉଛନ୍ତି। ଯାହାକୁ ଦେଖି ଜଣେ ସାଧାରଣ ତଥା ସଚେତନ ନାଗରିକର ରକ୍ତ ଗରମ ହୋଇଯିବା ସ୍ୱାଭାବିକ।ଭିଡ ହିଂସା ଯେ ଏତେ ମାରାତ୍ମକ ତଥା ସମ୍ବେଦନହୀନ ହୋଇପାରେ ଯିଏ ନ ଦେଖିବ ବିଶ୍ୱାସ କରିବା କଷ୍ଟକର। କିଛି ମାସ ତଳେ ଆମେରିକା ନିଜ ନାଗରିକ ମାନଙ୍କ ନିମନ୍ତେ ଜାରି କରିଥିବା ପରାମର୍ଶବଳୀ ଅନୁଯାୟୀ ଓଡ଼ିଶା ମହିଳା ମାନଙ୍କ ନିମନ୍ତେ ଏକ ଅସୁରକ୍ଷିତ ସ୍ଥାନ! ଏହି ବିବୃତ୍ତିକୁ ଉପରୋକ୍ତ ଘଟଣା ଶତ ପ୍ରତିଶତ ସତ ବୋଲି ପ୍ରମାଣିତ କରୁଛି। ଶାନ୍ତି ଓ ସଦଭାବନାର ରାଜ୍ୟ ରୂପେ ପରିଚିତ ଓଡିଶା ଆଜି ଏହି ଘଟଣା ପାଇଁ ବିଶ୍ୱ ଦରବାରରେ ମଥାନତ କରିବାକୁ ବାଧ ହୋଇଛି।

ଯୁବତୀଙ୍କ ବୟାନ ଅନୁଯାୟୀ, ସେ ଓ ତାଙ୍କର କିଛି ବନ୍ଧୁ ଦିଲ୍ଲୀର ଏକ ଏନଜିଓ ତରଫରୁ କ୍ଷେତ୍ର ପରିଦର୍ଶନ ତଥା ଶିକ୍ଷାଗତ ଭ୍ରମଣ ନିମନ୍ତେ ଆସିଥିଲେ। ସେମାନଙ୍କ ମଧ୍ୟରୁ କିଛି ଦାରିଙ୍ଗିବାଡି ଗସ୍ତ କରିଥିବା ବେଳେ ଯୁବତୀ ଜଣକ ନିଜ ପୁରୁଷ ବନ୍ଧୁଙ୍କ ସହ କଳାହାଣ୍ଡି ଗସ୍ତରେ ଯାଇଥିଲେ। ଫେରିବା ସମୟରେ ଅଜଣା ସ୍ଥାନ ହେତୁ ଗୁଗଲ ମ୍ୟାପର ସାହାଯ୍ୟ ନେଇ ଫେରୁଥିଲେ କିନ୍ତୁ ଅଜାଣତରେ ସେ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ଅଞ୍ଚଳରେ ପ୍ରବେଶ କରିଗଲେ। ଆଗକୁ ବଢୁଥିବା ବେଳେ ସାମ୍ନାରେ ଏକ ନାଳ ଦେଖି ପଛକୁ ଫେରିବାକୁ ଉଦ୍ୟମ କରୁଥିବା ବେଳେ ହଠାତ ଜଣେ ଯୁବକ ଯିଏ କି ନିଶାଗ୍ରସ୍ତ ଥିଲେ ସେମାନଙ୍କୁ ସାହଯ୍ୟ କରିବାକୁ ଆଗେଇ ଆସିଲେ କିନ୍ତୁ ଯୁବକ ଜଣକ ନିଶାଗ୍ରସ୍ତ ଥିବାରୁ ତାଙ୍କ ଉପରେ ବିଶ୍ୱାସ ନ କରି ସେ ସ୍କୁଟିକୁ ପଛକୁ ଫେରାଇ ନେବାକୁ ଉଚିତ ମଣିଲେ। ଠିକ୍ ଏହି ସମୟରେ ଯୁବକ ଜଣକ ତାଙ୍କ ସ୍କୁଟି ଚାବି ଖୋଲି ନେବାକୁ ଉଦ୍ୟମ କରିବାରୁ ଏହା ଜାଣିପାରି ସେ ତରତରରେ ଗୋଟେ କ୍ଷେତ ମଧ୍ୟରେ ପଶିଯାଇଥିଲେ ଏହି ସମୟରେ କିଛି ଲୋକ ରୁଣ୍ଡ ହୋଇ ତାଙ୍କୁ ପିଲା ଚୋରଣୀ ସନ୍ଦେହରେ ଅତି ନିର୍ମମ ତଥା ଅଭୋଦ୍ରଚିତ ବ୍ୟବହାର ପ୍ରଦର୍ଶନ ପୂର୍ବକ ଅର୍ଦ୍ଧ ଉଲଗ୍ନ କରି ନିସ୍ତୁକ ମାଡ ମାରିଥିଲେ। ସେମାନଙ୍କୁ ମଧ୍ୟରୁ କିଛି ଯୁବତୀଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବାକୁ ଉଦ୍ୟମ କରୁଥିବା ବେଳେ କୌଣସି ସୂତ୍ରରୁ ପୋଲିସ ଖବର ପାଇ ପହଞ୍ଚି ଯିବାରୁ ଲୋକ ମାନେ ଛତ୍ର ଭଙ୍ଗ ଦେଇଥିଲେ ଏବଂ ଗୁରୁତର ଆହତ ଯୁବତୀ ଜଣକୁ ପୋଲିସ ଡାକ୍ତରଖାନା ଆଣିଥିଲା। ଯୁବତୀ ଜଣକ ଗଣମାଧ୍ୟମ ସାମ୍ନାରେ ବୟାନ ଦେବା ସମୟରେ ଯେ କଥା ମଧ କହୁଥିଲେ ଯେ ସେ ଏହି ଘଟଣାକୁ ନେଇ ଖୁବ୍ ଭୟଭୀତ ତେଣୁ ତାଙ୍କୁ ସୁରକ୍ଷିତ ଭାବେ ନିଜ ସ୍ଥାନକୁ ଫେରାଇ ନିଆଯାଉ। ଏଠାରେ ଉଲ୍ଲେଖଯୋଗ୍ୟ, ଭିଡ଼ ହିଂସା ଦ୍ୱାରା ପୁରୁଷ ବନ୍ଧୁଙ୍କ ଅପେକ୍ଷା ଯୁବତୀ ଜଣକ ଅଧିକ ମାତ୍ରାରେ ପୀଡ଼ିତ ହୋଇଥିଲେ।ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଯୁବତୀ ଜଣକ ସେଠାରେ ଉପସ୍ଥିତ ଅସାମାଜିକ ତତ୍ତ୍ୱ(ନର ପିଶାଚ) ମାନଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇଛନ୍ତି।



ଗତ କିଛି ମାସ ହେବ ଓଡିଶାରେ ଏହି ଭଳି ଘଟଣା ମାନ ଗୋଟେ ପରେ ଗୋଟେ ଘଟି ଚାଲିଛି। କଣାସ ବର୍ବରତା, ବ୍ରହ୍ମପୁର ରେ ଦିନ ଦ୍ୱି ପ୍ରହରରେ ଖଣ୍ଡା ବୁଲିବା ଘଟଣା, ରେଳବାଇ କନଷ୍ଟେବଳ ସୌମ୍ୟରଞ୍ଜନଙ୍କୁ ଭିଡ଼ ହିଂସା ଦ୍ୱାରା ହତ୍ୟା ଆଦି ଘଟଣା ଓଡ଼ିଶାର ଶାନ୍ତ ସିଷ୍ଟ ଛବିକୁ ମଳିନ କରିଛି। ଲୋକ ମାନେ ଆଇନକୁ ହାତକୁ ନେବାକୁ ପଛାଉ ନାହାନ୍ତି। କିନ୍ତୁ ରାୟଗଡ଼ା ଘଟଣା ଉପରୋକ୍ତ ସମସ୍ତ ଘଟଣାକୁ ଟପି ଯାଇଛି। ନିରୀହ ଯୁବତୀଟିର କାନ୍ଦ କାନ୍ଦ ମୁହଁ ସମଗ୍ର ଓଡ଼ିଆ ଜାତିକୁ ପ୍ରତି ମୁହୂର୍ତ୍ତରେ ଅପମାନିତ ତଥା ଲାଞ୍ଛିତ କରୁଛି ।କେଇ ଜଣ ଅସଭ୍ୟ ଲୋକଙ୍କ ଅମାନବିକତାର ଅପନିନ୍ଦା ସମଗ୍ର ରାଜ୍ୟ ମୁଣ୍ଡାଉଛି। ଯେତେବେଳେ ନୀତି ନୈତିକତାର ସ୍ଖଳନ ହୁଏ, ପାରିବାରିକ ତଥା ସାମାଜିକ ସମ୍ପର୍କରେ ଅଧୋପତନ ଦେଖା ଦିଏ ଏହି ପରି ଘଟଣାମାନ ଦୃଷ୍ଟିଗୋଚର ହୁଏ। ଏହାକୁ ରୋକିବାକୁ ହେଲେ ସରକାରଙ୍କୁ କଠୋରରୁ କଠୋରତମ ଦଣ୍ଡ ବିଧାନ କରିବାର ଆବଶ୍ୟକତା ରହିଛି। ଏହା ସହ ସାଧାରଣ ନାଗରିକ ହିସାବରେ ଆମ ମାନଙ୍କର ମଧ୍ୟ କିଛି ସାମାଜିକ କର୍ତ୍ତବ୍ୟ ରହିଛି। ଯାହାକୁ ପ୍ରୟୋଗ କରିଥଲେ ହୁଏ ତ ଆଜି ଯେ ଅବସ୍ଥା ଦେଖିବାକୁ ପଡି ନଥାନ୍ତା।

+ବ୍ରହ୍ମଗିରି, ପୁରୀ
ମୋ: ୭୦୦୮୦୬୫୮୭୫






## ବର୍ଷା ଭାବନା

**ଡିସମ୍ବର ମେହେର**

ବରଷାରେ ଥରେ ଭିଜି ଗଲା ପରେ
ମନ ମଜ୍ଜିଯାଏ ତମରି ପାଶେ
ତମେ ନ ଥିଲେ ବି ତମେ ଦେଖା ଦିଅ
ବାର ବାର ସେଇ ଭାବନା ଆସେ।

ତମ ଗାଁ ବରଷା ଜଳ ଧାର ହୋଇ
ଆମ ଗାଁ ଦାଣ୍ଡରେ ଯାଉଛି ବହି
ସେଇ ଜଳ ଧାର ମୋ ଦେହକୁ ଛୁଇଁ
ତମ କଥା ଖାଲି ଯାଉଛି କହି।

ତମ ଦେହ ଛୁଆଁ ମଉସୁମି ବାଆ
ଥିରି ଥିରି ତମ କଥା ହିଁ କହେ
ତମ ଭାବନାର ମିଠା ମିଠା ଭାବ
ଦେବା ପାଇଁ ଟିକେ ଅଟକି ରହେ।

ବିଜୁଳି ଚମକେ ତମ ସଫା ମୁହଁ
ତୋଫା ଜହ୍ନ ପରି ଉଜ୍ଜ୍ୱଳି ଉଠେ
ତାକୁ ଦେଖି ନେଇ ମେଘୁଆ ଆକାଶ
ଗୁଣୁ ଗୁଣୁ ଗୀତ ଦିଏ ମୋ କଣ୍ଠେ।

ସ୍ମୃତି ରାଇଜରେ ପାଦ ଥାପି ତମେ
ପାଦେ ପାଦେ ଯେବେ ଆଗକୁ ଯାଅ
ସେ ସ୍ମୃତି ମୋ ଠାରେ ନେସି ହେଇ ଗଲେ
ତମେ କିଆଁ ଏତେ ଆନନ୍ଦ ପାଅ !

ଏଇ ବରଷାରେ ତମ ବାଡି ଫୁଲ
ଫୁଟି ତା ସୁରଭି ମଳୟେ ଭାସି
ତମ ମନ କଥା ଗୋଟି ଗୋଟି କରି
ହୃଦୟକୁ ମୋର ଛୁଁଉଛି ଆସି ।

+ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର ।
ମୋ: ୯୪୩୮୪୧୪୭୦୧

## ମୌସୁମୀ ତାର ନାଆଁ

**ଜେନା ପ୍ରଦୀପ**



ଓଦା ଓଦା ଲାଗେ ଦେହ ଆଉ ମନ
ପାଇ ତା' ନରମ ଛୁଆଁ
କୋଟିଏ ଭିତରେ ଗୋଟିଏ ସେ ଝିଅ
ମୌସୁମୀ ତାର ନାଆଁ।

ଯାଏ ଯେଉଁଆଡ଼େ ଶୀତଳତା ଭରେ
ଖେଳାଏ ସବୁଠି ଖୁସି
ଏମିତି ଝିଅକୁ କେମିତି ବା କିଏ
ପାଇବନି ଭଲ ବେଶି
ଠିକଣା ତାହାର ପଚାରିଲେ କହେ
ମେଘ ରାଇଜରେ ଗାଆଁ।

ରିମଝିମ୍ ତାର ନୂପୂର ଶବଦେ
ମନପକ୍ଷୀ ମାନେ ପୋଷା
ପରଷି ଦିଏ ସେ ଅସରା ଅମୃତ
ଦିଏ ବଞ୍ଚିବାର ଆଶା
ବଢାଏ ଆବେଗ ହେଉ ପଛେ ତାର
ଅଳ୍ପ ଦିନ ଦେଖା ଚାହାଁ ।

+ଲକ୍ଷ୍ମୀପାଦ,
ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩,
ମର୍କତନଗର(ସିଡିଏ) କଟକ,
ମୋ - ୯୯୩୮୫୨୦୩୭୧

# ଭଙ୍ଗା ହୃଦୟରେ ଆଧାତ୍ମିକ ମଲମ



ଅଭିନେତ୍ରୀ ମୌନୀ ରାୟ ଗତ ମାସ ସ୍ୱାମୀ ସୂରଜ ନାମ୍ବିୟାରଙ୍କଠାରୁ ଅଲଗା ହୋଇଯାଇଥିବା କଥା ଘୋଷଣା କରିଥିଲେ। ନିକଟରେ ତାଙ୍କର ନୂଆ ୱେବ୍ ଧାରାବାହିକ 'ଅବ ହୋଗା ହିସାବ'ର ପ୍ରଚାର ସମୟରେ ସେ ଧୋକା ଖାଇବା ପରର ବେଦନାଦାୟକ ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଛନ୍ତି। ଧୋକା ପ୍ରତିବଦଳରେ ପ୍ରତିଶୋଧ ନେବାକୁ ସେ କଦାପି ପରାମର୍ଶ ଦେଇନାହାନ୍ତି। ବରଂ ହୃଦୟ ଭାଙ୍ଗିବାର କଷ୍ଟକୁ ଆଧାତ୍ମିକ ଶକ୍ତି ଦ୍ୱାରା ସେ ଯେଉଁଳି ଭାବେ ପରିଚାଳନା କରିପାରିଛନ୍ତି ତାହା ଶିକ୍ଷଣୀୟ ନିଶ୍ଚୟ। ମୌନୀ ହୃଦୟ ଭାଙ୍ଗିବା ପରର ତିକ୍ତ ଭାବନାକୁ ପାସୋରି ଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ତାଙ୍କ ମତରେ ସେହି ଭାବନାକୁ ଜାବୁଡ଼ି ରହିଲେ ନିଜକୁ ହିଁ ସବୁଠୁ ବେଶୀ କଷ୍ଟ ହୁଏ। ଏହାକୁ ସେ ତତଲା କୋଇଲା ହାତରେ ଧରି ରଖିବା ସହିତ ତୁଳନା କରିଛନ୍ତି। ସେହିପରି ଅଧିକାଂଶ କ୍ଷେତ୍ରରେ, ଯିଏ କଷ୍ଟ ଦେଇଛି ସେ ତା' ବିଷୟରେ ଭାବି ନଥାଏ। ତେଣୁ ଜଣେ ଯେତେ କଷ୍ଟ ଦେଇଥାଉ ପଛେ, ମନରେ ରାଗ ନ ରଖି ତାକୁ କ୍ଷମା କରିଦେବା ହିଁ ଶ୍ରେଷ୍ଠ ଉପାୟ ବୋଲି ସେ କହିଛନ୍ତି। ଅବଶ୍ୟ ଏ ଦିଗରେ ତାଙ୍କୁ ଧ୍ୟାନ ଓ ଅନ୍ୟାନ୍ୟ ଆଧାତ୍ମିକ ଅଭ୍ୟାସ ବିଶେଷ ସାହାଯ୍ୟ କରିଛି ବୋଲି ପ୍ରକାଶ କରିଛନ୍ତି। ସେହି କାରଣରୁ ଚାରି ବର୍ଷର ଦାମ୍ପତ୍ୟ ଜୀବନରୁ ଦୂରେଇଯାଇ ନୂଆ ଜୀବନ ଆରମ୍ଭ କରିବାକୁ ବାଧ ହୋଇଥିଲେ ବି ସେ ଶାନ୍ତିପୂର୍ଣ୍ଣ ଜୀବନ କାଟୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୌନୀଙ୍କୁ ଶେଷ ଥର 'ହେ ଜ୍ୱାନୀ ତୋ ଇସ୍କ ହୋନା ହେ' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା।

# ରୋମାଣ୍ଟିକ୍ ଦୃଶ୍ୟର ସୁଟିଂ ବେଳେ ବିନୋଦ ଖାନ୍ନାଙ୍କୁ ନେଇ ଚର୍ଚ୍ଚିତ ଘଟଣା





ସୁପରଷ୍ଟାର ବିନୋଦ ଖାନ୍ନା ରୋମାଣ୍ଟିକ୍ ଦୃଶ୍ୟର ସୁଟିଂ ସମୟରେ ଅନେକଥର ନିୟନ୍ତ୍ରଣ ହରାଇଥିବା ଚର୍ଚ୍ଚା ହୋଇଛି। ମାଧୁରୀ ଦୀକ୍ଷିତ ଓ ଡିମ୍ପଲ କପାଡ଼ିଆଙ୍କ ସହ ତାଙ୍କ ରୋମାଣ୍ଟିକ୍ ଦୃଶ୍ୟ ସୁଟିଂ ସମୟରେ ସେଟ୍‌ରେ ବିବାଦ ସୃଷ୍ଟି କରିଥିଲା। ଚଳଚ୍ଚିତ୍ରରେ ରୋମାଣ୍ଟିକ୍ ଦୃଶ୍ୟର ସୁଟିଂ ବେଳେ ଅନେକ ଅଭିନେତାଙ୍କୁ ନେଇ ବିଭିନ୍ନ ଘଟଣା ଚର୍ଚ୍ଚାକୁ ଆସିଛି। ତେବେ ଯେତେବେଳେ ଅଭିନେତାଙ୍କ ନିୟନ୍ତ୍ରଣ ହରାଇବା କଥା ଉଠେ, ସେତେବେଳେ ସୁପରଷ୍ଟାର ତଥା ସ୍ୱର୍ଗତ ଅଭିନେତା ବିନୋଦ ଖାନ୍ନାଙ୍କ ନାମ ପ୍ରଥମେ ଉଠିଥାଏ। ତାଙ୍କୁ ନେଇ ଏଭଳି ଦାବି ରହିଛି ଯେ, ରୋମାଣ୍ଟିକ୍ ଦୃଶ୍ୟର ସୁଟିଂ ବେଳେ ସେ ଏକ ନୁହେଁ, ଦୁଇଥର ନିୟନ୍ତ୍ରଣ ହରାଇଥିଲେ। ସେହି ସମୟରେ ଏହି ଘଟଣା ବେଶ୍ ଚର୍ଚ୍ଚାରେ ରହିଥିଲା ଏବଂ ଆଜି ମଧ୍ୟ ଏହାକୁ ନେଇ ଆଲୋଚନା ହୁଏ। ମନୋରଞ୍ଜନ ସାମ୍ବାଦିକ ସିମି ଚନ୍ଦୋକ ସିଦ୍ଧାର୍ଥ କାନନଙ୍କ ସହ ଏକ ସାକ୍ଷାତକାରରେ ବିନୋଦ ଖାନ୍ନାଙ୍କ ସହ ଜଡିତ ଏହି ଚର୍ଚ୍ଚିତ ଘଟଣାଗୁଡ଼ିକର ଉଲ୍ଲେଖ କରିଥିଲେ। ତାଙ୍କ କହିବା ଅନୁସାରେ, ମାଧୁରୀ ଦୀକ୍ଷିତ ଓ ଡିମ୍ପଲ କପାଡ଼ିଆଙ୍କ ସହ ରୋମାଣ୍ଟିକ୍ ଦୃଶ୍ୟର ସୁଟିଂ ବେଳେ ବିନୋଦ ଖାନ୍ନାଙ୍କ ଆଚରଣକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ଏବଂ ଏହାର ପ୍ରଭାବ ସମ୍ପୃକ୍ତ ଅଭିନେତ୍ରୀମାନଙ୍କ ଉପରେ ମଧ୍ୟ ପଡ଼ିଥିବା କୁହାଯାଇଥିଲା। ସିମି ଚନ୍ଦୋକଙ୍କ କହିବା ଅନୁସାରେ, ପ୍ରେମ ଧନ୍ ଫିଲ୍ମରେ ହେମା ମାଳିନୀଙ୍କ ସହ ଡିମ୍ପଲ କପାଡ଼ିଆ ଓ ବିନୋଦ ଖାନ୍ନାଙ୍କ ଏକ ରୋମାଣ୍ଟିକ୍ ଦୃଶ୍ୟର ସୁଟିଂ ଚାଲିଥିଲା। ଫିଲ୍ମର ନିର୍ଦ୍ଦେଶକ ଥିଲେ ମହେଶ ଭଟ୍ଟ। ଦାବି ଅନୁଯାୟୀ, ଦୃଶ୍ୟ ସମାପ୍ତ ହେବା ପରେ ମଧ୍ୟ ବିନୋଦ ଖାନ୍ନା ଅଭିନୟ ଜାରି ରଖିଥିଲେ। ନିର୍ଦ୍ଦେଶକ ବାରମ୍ବାର "କଟ୍" କହିଥିଲେ ମଧ୍ୟ ସେ ରହି ନଥିଲେ। ସେତେବେଳେ ଡିମ୍ପଲ କପାଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ନୂଆ ଥିଲେ। "କଟ୍"ର ନିର୍ଦ୍ଦେଶ ଶୁଣିଥିଲେ ମଧ୍ୟ ସାମ୍ନାରେ ଥିବା ଅଭିନେତା ନରହିବାରୁ ସେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। ପରିସ୍ଥିତିକୁ ସମ୍ଭାଳିବା ପାଇଁ ଶେଷରେ ନିର୍ଦ୍ଦେଶକ ମହେଶ ଭଟ୍ଟ ଓ କିଛି କ୍ରୁ ସଦସ୍ୟ ଆଗକୁ ଆସି ଉଭୟଙ୍କୁ ଅଲଗା କରିଥିଲେ।



# ଅଭିନୟ ଜଗତରେ ସଫଳତା ପାଇବା ପାଇଁ ଅନେକ ସଂଘର୍ଷ କରିବାକୁ ପଡ଼ିଛି: ଶ୍ରୁତି ଶର୍ମା

'ହୀରାମଣ୍ଡି' ଧାରାବାହିକରେ ନିଜ ଅଭିନୟ ଦ୍ୱାରା ଦର୍ଶକଙ୍କ ମନ ଜିତିଥିବା ଅଭିନେତ୍ରୀ ଶ୍ରୁତି ଶର୍ମା ନିକଟରେ ଏକ ସ୍ୱତନ୍ତ୍ର ସାକ୍ଷାତ୍କାରରେ ନିଜ ଅଭିନୟ ଜୀବନ, ସଂଘର୍ଷ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଖୋଲାଖୋଲି ଭାବେ ଆଲୋଚନା କରିଛନ୍ତି। ଶ୍ରୁତି କହିଛନ୍ତି ଯେ , 'ଅଭିନୟ ଜଗତରେ ସଫଳତା ପାଇବା ପାଇଁ ତାଙ୍କୁ ଦୀର୍ଘ ସମୟ ଧରି ସଂଘର୍ଷ କରିବାକୁ ପଡ଼ିଛି। ଅନେକ ସମୟରେ ଭଲ ସୁଯୋଗ ହାତଛଡ଼ା ହୋଇଛି ଓ ଅନେକ ପ୍ରକଳ୍ପରୁ ବଞ୍ଚିତ ହେବାକୁ ପଡ଼ିଛି। ତଥାପି ସେ କେବେ ନିରାଶ ହୋଇନାହାନ୍ତି। ନିଜ କାମ ଉପରେ ବିଶ୍ୱାସ ରଖି ସେ ଆଗକୁ ବଢ଼ିଚାଲିଛନ୍ତି। ତାଙ୍କ ମତରେ, ପରିଶ୍ରମ, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ହିଁ ଜୀବନରେ ସଫଳତା ଆଣିଥାଏ।ଭବିଷ୍ୟତରେ ସେ ଏପରି ଚରିତ୍ରରେ ଅଭିନୟ କରିବାକୁ ଚାହାନ୍ତି, ଯେଉଁଥିରେ ତାଙ୍କ ପ୍ରତିଭା ଓ ଅଭିନୟ କ୍ଷମତାକୁ ପୂର୍ଣ୍ଣ ଭାବେ ଦେଖାଇବାର ସୁଯୋଗ ମିଳିବ। କେବଳ ବଡ଼ ନାମ କିମ୍ବା ବଡ଼ ପ୍ରଯୋଜନା ସଂସ୍ଥା ସହ କାମ କରିବା ତାଙ୍କର ଲକ୍ଷ୍ୟ ନୁହେଁ, ବରଂ ଭଲ କାହାଣୀ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସେ ଅଧିକ ଗୁରୁତ୍ୱ ଦିଅନ୍ତି। 'ହୀରାମଣ୍ଡି'ର ଦ୍ୱିତୀୟ ଭାଗ ବିଷୟରେ ପଚାରାଯିବାରୁ ଶ୍ରୁତି କହିଛନ୍ତି ଯେ ଯଦି ସୁଯୋଗ ମିଳେ, ସେ ନିଶ୍ଚିତ ଭାବେ ଏହି ଧାରାବାହିକର ପରବର୍ତ୍ତୀ ଭାଗରେ କାମ କରିବାକୁ ଚାହିବେ। 'ହୀରାମଣ୍ଡି' ସହ ତାଙ୍କର ଅନେକ ସ୍ମୃତି ଜଡ଼ିତ ଥିବାରୁ ପୁଣିଥରେ ଏହାର ଅଂଶ ହେବା ତାଙ୍କ ପାଇଁ ଏକ ବଡ଼ ଖୁସିର ବିଷୟ ହେବ । 'ହୀରାମଣ୍ଡି' ମାଧ୍ୟମରେ ସେ ଦେଶର ବିଭିନ୍ନ ସ୍ଥାନର ଦର୍ଶକଙ୍କ ଭଲପାଇବା ଓ ପ୍ରଶଂସା ପାଇଛନ୍ତି।

# ରହସ୍ୟମୟ କାହାଣୀ ଧରି ଫେରୁଛନ୍ତି



ବଲିଉଡ୍‌ର ଜଣାଶୁଣା ଅଭିନେତା ଇମ୍ରାନ୍ ହାସମି ପୁଣିଥରେ ଭୟାବହ ଓ ରହସ୍ୟମୟ କାହାଣୀ ଆଧାରିତ ଚଳଚ୍ଚିତ୍ରରେ ନଜର ଆସିବାକୁ ଯାଉଛନ୍ତି। ପ୍ରାୟ ପାଞ୍ଚ ବର୍ଷର ବ୍ୟବଧାନ ପରେ ସେ ଏହି ଧାରାର ଚଳଚ୍ଚିତ୍ରକୁ ଫେରୁଥିବା ବେଳେ ତାଙ୍କ ନୂଆ ଚଳଚ୍ଚିତ୍ର 'ରୁହ'ର ଘୋଷଣା କରାଯାଇଛି। ଏହି ଚଳଚ୍ଚିତ୍ର ୨୦୨୭ ମସିହାରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ନିର୍ମାତାମାନଙ୍କ ପକ୍ଷରୁ ଚଳଚ୍ଚିତ୍ରର ପ୍ରଥମ ଝଲକ ଜାରି କରାଯାଇଛି। ଏଥିରେ ଭୟ, ଅନ୍ଧକାର ଓ ରହସ୍ୟର ଛାପ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ଏହାକୁ ଦେଖି ଦର୍ଶକମାନେ ଅନୁମାନ କରୁଛନ୍ତି ଯେ, ଚଳଚ୍ଚିତ୍ରଟି ଏକ ଅଲୌକିକ ଘଟଣାକୁ କେନ୍ଦ୍ର କରି ନିର୍ମାଣ ହୋଇଛି। ଭୟ ସହିତ ଏଥିରେ ରହସ୍ୟ ଓ ରୋମାଞ୍ଚର ମିଶ୍ରଣ ମଧ୍ୟ ରହିବ। ଇମ୍ରାନ୍ ପୂର୍ବରୁ ଅନେକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ରରେ ଅଭିନୟ କରି ପ୍ରଶଂସା ସାଉଁଟିଛନ୍ତି। ବିଶେଷକରି ରହସ୍ୟ ଓ ରୋମାଞ୍ଚଭରା କାହାଣୀରେ ତାଙ୍କ ଅଭିନୟ ଦର୍ଶକଙ୍କ ମନ ଜିତିଥାଏ। ଏହି କାରଣରୁ 'ରୁହ'କୁ ନେଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଭରି ରହିଛି। ଚଳଚ୍ଚିତ୍ରର କାହାଣୀ କିମ୍ବା ଅନ୍ୟ କଳାକାରମାନଙ୍କ ସମ୍ପର୍କରେ ଏପର୍ଯ୍ୟନ୍ତ ଅଧିକ ସୂଚନା ଜାରି କରାଯାଇନାହିଁ। ତେବେ ନିର୍ମାତାମାନେ ଦାବି କରିଛନ୍ତି ଯେ, ଏହା ଦର୍ଶକଙ୍କୁ ଏକ ନୂଆ ଅନୁଭୂତି ଦେବ । ବର୍ତ୍ତମାନ ଚଳଚ୍ଚିତ୍ରର ପ୍ରସ୍ତୁତି କାମ ଚାଲିଥିବା ବେଳେ ୨୦୨୭ରେ ଏହା ବଡ଼ ପରଦାରେ ମୁକ୍ତିଲାଭ କରିବ। ଇମ୍ରାନଙ୍କ ଏହି ନୂଆ ଭୂମିକା ଦର୍ଶକଙ୍କୁ କେତେ ମାତ୍ରାରେ ଆକର୍ଷିତ କରିପାରିବ, ତାହାକୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଲମ୍ବି ଚାଲିଛି ଫ୍ଲପ୍ ତାଲିକା



ବକ୍ସ ଅଫିସ୍‌ରେ ଅଭିନେତ୍ରୀ କଙ୍ଗନା ରଣାୱତଙ୍କ ବିଫଳତାର ଧାରା ଏଥର ମଧ୍ୟ ଅତୁଟ ରହିଛି। କହିବାର ଅର୍ଥ ହେଲା ସଦ୍ୟ ମୁକ୍ତିଲାଭ କରିଥିବା 'ଭାରତ ଭାଗ୍ୟ ବିଧାତା' କଙ୍ଗନାଙ୍କ ପୂର୍ବ ସାତଟି ଚଳଚ୍ଚିତ୍ର ପରି ଭଲ ବ୍ୟବସାୟ କରି ପାରି ନାହିଁ। ୨୬/୧୧ ଆକ୍ରମଣ ସମୟରେ ନର୍ସମାନଙ୍କ କାର୍ଯ୍ୟ ଉପରେ ଏହି ଚଳଚ୍ଚିତ୍ରର କାହାଣୀ ପର୍ଯ୍ୟବସିତ। କଙ୍ଗନା ଏଥିରେ ଜଣେ ନର୍ସ ଭାବେ ଅଭିନୟ କରିଛନ୍ତି। ଇମ୍ତିଆଜ ଅଲୀଙ୍କ ମୈ ୱାପସ ଆଉଙ୍ଗା' ଓ ଷ୍ଟିଭେନ୍ ସ୍ପିଲ୍‌ବର୍ଗଙ୍କ 'ଡିସ୍‌କ୍ଲଜର ଡେ' ପରି ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର ସହିତ ଏକା ଦିନ (୧୨ ତାରିଖ)ରେ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ପଡ଼ିଥିଲା। ତେବେ ଏକ ସପ୍ତାହ ମଧ୍ୟରେ 'ଭାରତ ଭାଗ୍ୟ ବିଧାତା' ମାତ୍ର ୫ କୋଟି ଟଙ୍କା ଆୟ କରିପାରିଥିଲା। ଅଷ୍ଟମ ଦିନରେ ଏହି ଚଳଚ୍ଚିତ୍ର ମାତ୍ର ୭ ଲକ୍ଷ ଟଙ୍କାର ଟିକେଟ୍ ବିକ୍ରି କରିଥିଲା ବୋଲି ଜଣାପଡ଼ିଛି। ଫଳରେ ଏହା ଜାତୀୟ ପୁରସ୍କାରପ୍ରାପ୍ତ କଙ୍ଗନାଙ୍କ ଲଗାତାର ଅଷ୍ଟମ ଫ୍ଲପ୍ ଚଳଚ୍ଚିତ୍ର ପାଲଟିଛି। ସ୍ମରଣଯୋଗ୍ୟ ଯେ ୨୦୧୫ ମସିହା ପରେ କଙ୍ଗନାଙ୍କ କୌଣସି ଚଳଚ୍ଚିତ୍ର ହିଟ୍ ହୋଇ ନାହିଁ। କଙ୍ଗନାଙ୍କ ଫ୍ଲପ୍ ତାଲିକାରେ 'ଜଜ୍‌ମେଣ୍ଟାଲ୍ ହେ କ୍ୟା', 'ପଙ୍ଗା', 'ଥାଲାଇଭୀ', 'ଧାକ୍କଡ଼', 'ଚନ୍ଦ୍ରମୁଖୀ ୨', 'ତେଜସ୍' ଓ 'ଏମର୍ଜେନ୍‌ସି' ପରି ଚଳଚ୍ଚିତ୍ର ଅଛି। ୨୦୧୯ରେ ଆସିଥିବା 'ମଣିକର୍ଣ୍ଣିକା- ଦି କୁଇନ୍ ଅଫ୍ ଝାନ୍‌ସୀ' ଆଂଶିକ ସଫଳ ହୋଇଥିଲା କିନ୍ତୁ ତାହା ହିଟ୍ ପଦବାଚ୍ୟ ନୁହେଁ। କଙ୍ଗନା କିନ୍ତୁ ବିଫଳତାକୁ ଖାତିର ନ କରି ନୂଆ ନୂଆ ଚରିତ୍ରରେ ଅଭିନୟ ଜାରି ରଖିଛନ୍ତି। ଆଶା, 'କୁଇନ୍ ୨' ଚଳଚ୍ଚିତ୍ର ଆସିବା ପରେ ତାଙ୍କୁ ଦର୍ଶକ 'ଫ୍ଲପ୍ କୁଇନ୍' ଡାକିବା ଛାଡ଼ି ପୁଣି ଥରେ 'ବଲିଉଡ୍ କୁଇନ୍' ଡାକିବା ଆରମ୍ଭ କରିବେ।

# ଢିଣ୍ଡୋରା ସିଜନ୍ ୨ର ସୁଟିଂ ଆରମ୍ଭ




ପ୍ରସିଦ୍ଧ କଣ୍ଟେଣ୍ଟ କ୍ରିଏଟର ତଥା ଅଭିନେତା ଭୁବନ ବାମ୍ ତାଙ୍କର ସଫଳ ୱେବ୍ ସିରିଜ୍ 'ଢିଣ୍ଡୋରା'ର ପରବର୍ତ୍ତୀ ସିଜନ୍ ପାଇଁ ସୁଟିଂ ଆରମ୍ଭ କରିଛନ୍ତି। ପ୍ରଡକ୍ସନ୍ କାମ ଆରମ୍ଭ ହୋଇଥିବା ନେଇ ସେ ସେଟ୍‌ର ଏକ କୌତୂହଳ ଉଦ୍ରେକକାରୀ ଫଟୋ ସହିତ ସୋସିଆଲ୍ ମିଡିଆରେ ଅପଡେଟ୍ ଦେଇଛନ୍ତି। ସ୍ମରଣଯୋଗ୍ୟ ଯେ 'ଢିଣ୍ଡୋରା'ର ପ୍ରଥମ ସିଜନ୍ ୨୦୨୧ ମସିହାରେ ଭୁବନ ବାମ୍‌ଙ୍କ 'ବିବି କି ଭାଇନ୍‌ସ' ୟୁଟ୍ୟୁବ୍ ଚ୍ୟାନେଲରେ ମୁକ୍ତିଲାଭ କରି ଖୁବ୍ ଲୋକପ୍ରିୟ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ୫୦ କୋଟିରୁ ଅଧିକ ଥର ଦେଖାଯାଇ ସାରିଲାଣି, ଯେଉଁ କାରଣରୁ ଏହା ଭାରତର ସବୁଠାରୁ ଲୋକପ୍ରିୟ କ୍ରିଏଟର-ନିର୍ମିତ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ ପାଲଟିଛି। ତେବେ ସିଜନ୍ ୨ ୟୁଟ୍ୟୁବ୍ ବଦଳରେ ନେଟଫ୍ଲିକ୍ସରେ ମୁକ୍ତିଲାଭ କରିବ। ନେଟଫ୍ଲିକ୍ସ ଏ ବିଷୟରେ ଘୋଷଣା କରି କହିଛି ଯେ ଏହା 'ଢିଣ୍ଡୋରା'ର କାହାଣୀକୁ ଏକ ବୃହତ୍ତର ଦର୍ଶକଙ୍କ ପାଖକୁ ନେଇଯିବ। ନୂଆ ସିଜନ୍‌ରେ ଏହି ଫ୍ରାଞ୍ଚାଇଜ୍‌ର ଅନ୍ୟତମ ଲୋକପ୍ରିୟ ଚରିତ୍ର 'ଟିଟୁ ମାମା'ଙ୍କ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ଏହାର ସୁଟିଂ ଚାଲିଥିବା ବେଳେ, ଦର୍ଶକମାନେ ଭୁବନ ବାମ୍‌ଙ୍କ ହାସ୍ୟରସର ଏହି ନୂଆ ଅଧ୍ୟାୟକୁ ଏକ ବଡ଼ ପ୍ଲାଟଫର୍ମରେ ଦେଖିବା ପାଇଁ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି।

# ନିଶାମୁକ୍ତ ସମାଜ ଗଠନ ପାଇଁ ନୂଆପଡ଼ାରେ ଯୁବ ରାଲି ଓ ମାନବ ଶୃଙ୍ଖଳ ଅନୁଷ୍ଠିତ

ନୂଆପଡ଼ା, ୨୫/୦୬ (ନି.ପ୍ର): ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ-୨୦୨୬ ପାଳନ ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ନୂଆପଡ଼ାରେ ଏକ ବିଶାଳ ଯୁବ ରାଲି ଏବଂ ମାନବ ଶୃଙ୍ଖଳ ଆୟୋଜିତ ହୋଇଯାଇଛି । ସକାଳ ୭ଟା ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଆୟୋଜିତ ଏହି ଯୁବ ରାଲିକୁ ଜିଲ୍ଲାପାଳ ମଧୁସୂଦନ ଦାଶ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ରାଲିଟି ଜିଲ୍ଲାପାଳ ଅଫିସରୁ ବାହାରି ଏକତା ଛକ ପର୍ଯ୍ୟନ୍ତ ଯାଇଥିଲା । ଏକତା ଛକ ଠାରୁ ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ମାନବ ଶୃଙ୍ଖଳ ଗଠନ କରି ନିଶା ବିରୋଧୀ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ରାଲି ସମୟରେ ନିଶାଦ୍ରବ୍ୟ ସେବନର କୁପ୍ରଭାବ, ଅବୈଧ ନିଶା କାରବାରର୦ ନିରାକରଣ ଏବଂ ନିଶାମୁକ୍ତ ସମାଜ ଗଠନ ନେଇ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦିଆଯାଇଥିଲା । ଯୁବପିଢ଼ିଙ୍କୁ ନିଶା ଠାରୁ ଦୂରେଇ ରହି ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ୱୋଦର ଧରୁଆ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷକ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ କ୍ଷ ସଂଗଠନର ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ ।

# ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜାରି: ବିଭିନ୍ନ ବୁଥରେ ବିଏଲ୍ଓ ଏବଂ ବିଏଲ୍ଏଙ୍କ ମିଳିତ ବୈଠକ

ଝାରସୁଗୁଡ଼ା, ୨୫/୦୬ (ନି.ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ ଅଧୀନରେ ୦୭-ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ୍ରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜାରି ରହିଛି ।ଏହି କ୍ରମରେ ବିଭିନ୍ନ ମତଦାନ କେନ୍ଦ୍ରରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ, ସତେଜ ଏବଂ ତ୍ରୁଟିଶୂନ୍ୟ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସମୀକ୍ଷା ବୈଠକଗୁଡ଼ିକରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମଧ ସ୍ୱୟଂ ଉପସ୍ଥିତ ରହି କାର୍ଯ୍ୟର ଅଗ୍ରଗତି ନିରୀକ୍ଷଣ କରିବା ସହ ଆବଶ୍ୟକୀୟ ଦିଗଦର୍ଶନ ଦେଇଛନ୍ତି । ଏହି ସଂଶୋଧନ ଅଭିଯାନ ଅନ୍ତର୍ଗତରେ କିର୍ମିରା ବ୍ଲକର ବିଭିନ୍ନ ବୁଥ୍ ସମେତ ୧୪୦ ଏବଂ (୧୪୫) ନମ୍ବର ବୁଥ୍ରେ ବିଏଲ୍ଓ ଓ ବିଏଲ୍ଏମାନଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଛି । ଏଥିସହିତ ସାହାସପୁର-୧ ଏବଂ ସାହାସପୁର-୨ ର ବିଭିନ୍ନ ମତଦାନ କେନ୍ଦ୍ର, ବୁଥ୍ ନମ୍ବର ୧୯୪, ବାବୁଛିପିଡ଼ିହି ସ୍ଥିତ ବୁଥ୍ ନମ୍ବର ୨୧୧ ଏବଂ ନକ୍ସାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବୁଥ୍ ନମ୍ବର ୧୫୮ ଓ ୧୫୯ ଠାରେ ମଧ ସ୍ୱତନ୍ତ୍ର ବୈଠକମାନ ସଫଳତାର ସହ ସମ୍ପନ୍ନ ହୋଇଛି । ଏହା ବ୍ୟତୀତ ବୁଥ୍ ନମ୍ବର ୨୪୦ ଠାରେ ଆୟୋଜିତ ବୈଠକରେ ସ୍ଥାନୀୟ ଯୋଗ୍ୟ ନାଗରିକଙ୍କ ନାମ ସାମିଲ କରିବା ଓ ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଏହି ସମସ୍ତ ବୁଥ୍ ସ୍ତରୀୟ ବୈଠକରେ ନୂତନ ଭୋଟର ନାମ ପଞ୍ଜୀକରଣ, ସଂଶୋଧନ ଏବଂ ଆଧାର ସଂଯୋଗୀକରଣ ଭଳି ପ୍ରସଙ୍ଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବିଏଲ୍ଓ ଏବଂ ବିଏଲ୍ଏମାନେ ମିଳିତ ଭାବେ ପ୍ରତିଟି ଘର ସର୍ଭେ ତଥ୍ୟକୁ ଯାଞ୍ଚ କରିବା ସହ କୌଣସି ବି ଯୋଗ୍ୟ ଭୋଟର ଯେପରି ଏହି ପ୍ରକ୍ରିୟାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବାକୁ ବରିଷ୍ଠ ଅଧିକାରୀମାନେ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କୁ ବ୍ୟାପକ ଭାବେ ସଫଳ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି ।

# ଶିକ୍ଷା ବ୍ୟବସ୍ଥାରେ ଅର୍ଥ ଶୋଷଣ: ଚାକିରି ଆଶାୟୀଙ୍କ ଜୀବନ ସହ ଖେଳୁଛି ସରକାର -କଂଗ୍ରେସ

ପୁରୀ, ୨୫/୦୬ (ନି.ପ୍ର): ପୁରୀ ଭିଆଇପି ରୋଡ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ବିରୋଧ କରି ରାଜସ୍ଥାନ ,କୋଟାରେ 'ଛାତ୍ରୋଁ କି ଗୁଞ୍ଜ ମହାର୍ୟାଲି'ରେ ରାହୁଲ ଗାନ୍ଧିଙ୍କ ଏକ ଛୋଟ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା । ଭାରତର ଶିକ୍ଷା ବ୍ୟବସ୍ଥା ଏକ ଶୋଷଣ କରୁଥିବା ମେସିନ୍ । ଏହା ଲଜ୍ଜାଜନକ ଏବଂ ଏଥିରେ ପରିବର୍ତ୍ତନ ହେବା ଆବଶ୍ୟକ । ଏହାକୁ ବଦଳାଇବା ପାଇଁ ଆନ୍ଦୋଳନରେ ସାମିଲ ହୁଅନ୍ତୁ ଛାତ୍ରଛାତ୍ରୀ । ଆଜିର ସମାବେଶ ସମ୍ପୂର୍ଣ୍ଣ ରୂପେ ଅଣ-ରାଜନୈତିକ ଥିଲା ଏବଂ ଏହାର ଉଦ୍ଦେଶ୍ୟ ଥିଲା ନିଟ୍, ଜେଇଇ , ୟୁପିଏସସି ଭଳି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ଆଶାୟୀମାନଙ୍କ ଚିନ୍ତା ଓ ଆଶଙ୍କାର ସମାଧାନ କରିବା ।ଶିକ୍ଷା ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରସ୍ତୁତ କରାଯାଇ ନାହିଁ । ଯଦି ସେମାନେ ଇଞ୍ଜିନିୟରିଂ, ମେଡିସିନ୍, ଆଇଏଏସ୍/ଆଇପିଏସ୍, ଆଇନଗତ ପେଶା କିମ୍ବା ପ୍ରତିରକ୍ଷା ସେବା ଭଳି ପାରମ୍ପରିକ ଚାକିରିଠାରୁ କିଛି ଅଲଗା କରିବାକୁ ଚାହାଁନ୍ତି, ତେବେ ଏହା ସେମାନଙ୍କର ବିକଳ୍ପ ଏବଂ ମହତ୍ତ୍ୱାକାଂକ୍ଷାକୁ ପୂରଣ କରେ ନାହିଁ । ନିଟ୍ , ଏସଏସସି , ଆରଆରବି , ୟୁପିଏସସି ଏବଂ ଜେଇଇ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦିଆଯାଉଥିବା ସମୁଦାୟ ଫି' ପ୍ରାୟ ୩.୫ ଲକ୍ଷ କୋଟି ଟଙ୍କା, ଯାହା ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ମହିଳା ଓ ଶିଶୁ ବିକାଶ ସମେତ ୫ଟି ମନ୍ତ୍ରଣାଳୟର ମୋଟ ବଜେଟ୍ ଅଟେ । ଆକାଂକ୍ଷାଙ୍କ ଦୁଃଖଦ ଆତ୍ମହତ୍ୟା ପ୍ରସଙ୍ଗ: ସେ ଜଣେ ନିଟ୍ ଆଶାୟୀ ଥିଲେ କିନ୍ତୁ ପ୍ରଶ୍ନପତ୍ର ଲିକ୍ ହେବା ପରେ ଆତ୍ମହତ୍ୟା କରିଥିଲେ । ଏହି ବ୍ୟବସ୍ଥା ଦ୍ୱାରା ଆତ୍ମହତ୍ୟା କରିବାକୁ ବାଧ ହେଉଥିବା ଆକାଂକ୍ଷାଙ୍କ ଭଳି ଆଉ କୌଣସି ଛାତ୍ରଛାତ୍ରୀ ରହିବା ଉଚିତ ନୁହେଁ । ଏହା ଆକାଂକ୍ଷାଙ୍କ ବିଫଳତା ନଥିଲା, ବରଂ ବ୍ୟବସ୍ଥା ତାଙ୍କୁ ବିଫଳ କରିଥିଲା । ଆମକୁ ଏହି ବ୍ୟବସ୍ଥାକୁ ବଦଳାଇବାକୁ ହେବ । ଏବଂ ଏହାର ସଂସ୍କାର କରି ଏଭଳି ଏକ ବ୍ୟବସ୍ଥା ଆଣିବାକୁ ହେବ ଯାହା ଆପଣଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ସେହି ସ୍ୱପ୍ନକୁ ସାକାର କରିବାକୁ ସୁଯୋଗ ଦେବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆପଣଙ୍କଠାରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଶୋଷଣ କରାନଯାଇ ସର୍ବନିମ୍ନ ଖର୍ଚ୍ଚରେ ଆପଣଙ୍କ ସ୍ୱପ୍ନ ସାକାର ହେବା ଉଚିତ । ହଜାର ହଜାର ଉତ୍ସାହୀ ଛାତ୍ରଛାତ୍ରୀ ଏହି ସମାବେଶରେ ସାମିଲ ହୋଇ ରାହୁଲ ଗାନ୍ଧୀଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ । ସେ କୌଣସି ସ୍ଲୋଗାନ ନଦେବାକୁ ସେମାନଙ୍କୁ ଅନୁରୋଧ କରିଥିଲେ, କାରଣ ସେ କେବଳ ଆଲୋଚନା କରିବାକୁ, ସେମାନଙ୍କ କଥା ଶୁଣିବାକୁ ଏବଂ ଦେଶରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ବିଷୟରେ ନିଜର ମତାମତ ପ୍ରକାଶ କରିବାକୁ ଆସିଥିଲେ । ମାନ୍ୟବର ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟପ୍ରଦେଶ, କୋଟା ଠାରେ ଅନୁଷ୍ଠିତ ହୋଇଥିବା ଛାତ୍ର ସମାବେଶ ରେ ରାହୁଲ ଗାନ୍ଧୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ତଥା ତମାମ ଭାରତ ବର୍ଷର ସମସ୍ତ ଛାତ୍ରଛାତ୍ରୀଙ୍କୁ ଦେଇଥିବା ବୟାନର ଏକ ଚଳଚ୍ଚିତ୍ର ସାମ୍ବାଦିକ ମାନଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରାଯାଇଥିଲା । ବୁଧବାର କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ପିସିସି ୱାର ରୁମ ଚେୟାରମ୍ୟାନ ମନୋରଞ୍ଜନ ଦାସ, ପୂର୍ବତନ ଜିଲ୍ଲା ସଭାପତି ଉତ୍ତମ କୁମାର ଆଚାର୍ଯ୍ୟ, ମହିଳା କଂଗ୍ରେସ ସଭାନେତ୍ରୀ ସରସ୍ୱତୀ ପାତ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ସୁଜିତ ମହାପାତ୍ର, ଆଇନସେଲ ଅଧ୍ୟକ୍ଷ କାଳୀ ପ୍ରସାଦ ନାୟକ, ପୁରୀ ନଗର କଂଗ୍ରେସ (କ) ସଭାପତି ବିଶ୍ୱରଂଜନ ମହାପାତ୍ର, ସେବାଦଳ ମୁଖ୍ୟ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସୁକାନ୍ତ କୁମାର ପ୍ରଧାନ, ବିଶ୍ୱନାଥ ଦାଶ, ସ୍ୱାଧୀନ କୁମାର ପଣ୍ଡା, ସସ୍ମିତା ସ୍ୱାଇଁ, ରଜତ କୁମାର ସାହୁ, ଅମରେନ୍ଦ୍ର ପାଇକରାୟ,ଆର୍ତ୍ତତ୍ରାଣ ସାହୁ ,ଅମୀୟ ମହାପାତ୍ର, ସୀତାକାନ୍ତ ମହାନ୍ତି, ଅର୍ଜୁନ ସାହୁ, ରାଧାଶ୍ୟାମ ସାହୁ, ଜିବେଶ ଚନ୍ଦ୍ର ରଥ, ରଞ୍ଜନ କୁମାର ସାହୁ, ରସାନନ୍ଦ ବିଶୋଇ, ଅଶ୍ୱିନୀ ବଳବନ୍ତରାୟ, ଆଶୁତୋଷ ମିଶ୍ର ଓ ଆଦର୍ଶ ମିଶ୍ର, ଦୁର୍ଗାପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱତନ୍ତ୍ର ବୈଠକ ଆହ୍ୱାନ

ବାଲେଶ୍ୱର, ୨୫/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ଦାବିରେ ସରକାରୀ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୨୮ ତାରିଖ, ରବିବାର ଦିନ ବାଲେଶ୍ୱରର ପ୍ରମୁଖ ଗଣ ସଂଗଠନ ଓ ସମସ୍ତ ରାଜନୈତିକ ନେତୃବୃନ୍ଦଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯାଇଛି । ଦୀର୍ଘ ୫ ବର୍ଷ ତଳେ ଏମ୍ସ ସାଟେଲାଇଟ୍ ସେଣ୍ଟର ଚିକିତ୍ସାଳୟ ସୌଧ ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ସପ୍ତାହକୁ ମାତ୍ର ଦୁଇଦନ ପାଇଁ ବହିର୍ବିଭାଗ କାର୍ଯ୍ୟ କରୁଛି । ସେଠାରେ ରୋଗ ନିରୁପଣ ନିମିତ୍ତ କୌଣସି ପରୀକ୍ଷା ନିରୀକ୍ଷାର ଉପକରଣ ଓ ବୈଷୟିକ କର୍ମଚାରୀ ନଥିବାରୁ ରୋଗୀମାନେ ହତାଶ ହେଉଛନ୍ତି । ଫଳରେ ରୋଗୀ ସଂଖ୍ୟା ହ୍ରାସ ପାଇଚାଲିଛି । ଗତ ଦୁଇବର୍ଷ ପୂର୍ବରୁ ବାଲେଶ୍ୱର ଏମ୍ସ ସାଟେଲାଇନ୍ ସେଣ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ବାଲେଶ୍ୱର ଗସ୍ତ ଅବସରରେ କ୍ରିୟାନୁଷ୍ଠାନ କମିଟିର ନେତୃତ୍ୱଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ବାଲେଶ୍ୱର ସାଂସଦ ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏମ୍ସ ସାଟେଲାଇଟ୍ ସେଣ୍ଟରକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ କହିଥିବାର ସମ୍ବାଦ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ବାଲେଶ୍ୱରବାସୀଙ୍କ ଦାବିପ୍ରତି ସରକାର ଗୁରୁତ୍ୱ ଦେଉନଥିବା ସଂପର୍କରେ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକରେ ମତ ପ୍ରକାଶ ପାଇଛି । ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ, ମେଡିକାଲ୍ କଲେଜ୍ ହସ୍ପିଟାଲ୍ ସମେତ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବରୁ ରୋଗୀମାନେ ଉନ୍ନତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାର କହିଥିଲେ । ଦୀର୍ଘଦିନର ଦାବିପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ହୃଦରୋଗ ଓ ମୂତ୍ରାଶୟଜନିତ ରୋଗର ବିଶେଷଜ୍ଞ ଡାକ୍ତରଙ୍କୁ ସାମୟିକ ନିଯୁକ୍ତି ଦିଆଯାଇଥିବାର କୁହାଯାଉଛି । କିନ୍ତୁ ଉକ୍ତ ଚିକିତ୍ସା ପାଇଁ ଆବଶ୍ୟକୀୟ ଉପକରଣ ଓ ବୈଷୟିକ କର୍ମଚାରୀ ନାହାନ୍ତି । ତେଣୁ ଏହି ସମସ୍ୟାଗୁଡ଼ିକ ଉପରେ ବାଲେଶ୍ୱରର ବୁଦ୍ଧିଜୀବୀ ଓ ବିଭିନ୍ନ ସଂଗଠନର ନେତୃବୃନ୍ଦଙ୍କ ପରାମର୍ଶକ୍ରମେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ । ଏଥିପାଇଁ ଆସନ୍ତା ରବିବାର ଦିନ ନଅଟାରେ ବାଲେଶ୍ୱର ଓକିଲ ସଂଘର ସଭାଗୃହରେ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯାଇଛି । ଏହି ବୈଠକରେ ସେମାନେ ଯୋଗଦେଇ ସୁଚିନ୍ତିତ ମତାମତ ଓ ପରାମର୍ଶ ଦେବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିବେଦନ କରାଯାଇଛି । ଏହି ବୈଠକରେ ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ଡ. କେଶବ ଚରଣ ପଣ୍ଡା, ଲକ୍ଷ୍ମଣ ବିଶ୍ୱାଳ, ରବିନାରାୟଣ ଭୋଳ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ଅକ୍ଷୟ କୁମାର ତ୍ରିପାଠୀ, ମାୟାଧର ବିଶ୍ୱାଳ, ଡ. କ୍ଷିତୀଶ୍ୱର ଦାଶ, ଯୋଗେଶ ଚନ୍ଦ୍ର ପ୍ରଧାନ, ଡା. ତାରାକାନ୍ତ ନନ୍ଦ, ସୀତାରାମ ପ୍ରଧାନ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗୌରାଙ୍ଗ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# 'ବିକାଶ ସାରା, ଓଡିଶା ସାରା' କାର୍ଯ୍ୟକ୍ରମରେ ସରକାରୀ ଯୋଜନାର ବଣ୍ଟନ

ଜୟପୁର, ୨୫/୦୬ (ନି.ପ୍ର): ସରକାର ଙ୍କ ବିକାଶ ସାରା ଓଡିଶା ସାରା କାଯ୍ୟକ୍ରମର ଦୁଇ ବର୍ଷ ପୁରି ଅବସରରେ ଜୟପୁର ବ୍ଲକ ସଭାଗୃହରେ ବିଭିନ୍ନ ସରକାରି ଯୋଜନା ବଣ୍ଟନ କରାଯାଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ବଣ୍ଟନ କରିଥିଲେ । ଏଠାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲି , ଜିଲା ପରିଷଦ ସଭ୍ୟ ତପତି ପଟ୍ଟନାୟକ ଉପସ୍ଥିତ ରହିଥିବା ବେଳେ ବିଡିଓ ଶକ୍ତି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସିଡିପିଓ କାଞ୍ଚନ ପଣ୍ଡା ପରିଚାଳନା କରିଥିଲେ । ଏଠାରେ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ଫୋନ ବଣ୍ଟନ, ଲେବର କାର୍ଡ, ଭତ୍ତା, ସହାୟକ ଉପ କରଣ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ କାର୍ଡ ବଣ୍ଟନ ଆଦି କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଠାରେ ଜିଲା ଶ୍ରମ ଅଧିକାରି ସବିତା ନାୟକ, ବ୍ଲକ ସହକାରି ନିବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, ଆସିଡିଏସ ସୁପରଭାଇଜର, ବ୍ଲକ କର୍ମଚାରି ଅଙ୍ଗନବାଡୀ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

ଅଙ୍ଗନବାଡି ସେବାକୁ ଆହୁରି ଡିଜିଟାଲ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ଅଙ୍ଗନବାଡି କର୍ମୀମାନଙ୍କୁ ନୂତନ ସ୍ମାର୍ଟଫୋନ ବଣ୍ଟନ କରାଯାଇଛି । ଏହି ସ୍ମାର୍ଟଫୋନ ମାଧ୍ୟମରେ ଶିଶୁଙ୍କ ବିକାଶ, ପୋଷଣ ସ୍ଥିତି ଓ ମାତୃ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ସହଜରେ ଅନଲାଇନରେ ଅପଲୋଡ୍ କରାଯାଇପାରିବ । ଫଳରେ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ସେବା ପ୍ରଦାନ ଅଧିକ ସ୍ୱଚ୍ଛ ଓ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି ।

ନୂତନ ସ୍ମାର୍ଟଫୋନ ମାଧ୍ୟମରେ ଶିଶୁଙ୍କ ଉପସ୍ଥିତି, ଓଜନ, ଉଚ୍ଚତା, ପୋଷଣ ସ୍ଥିତି ସହ ଗର୍ଭବତୀ ଏବଂ ପ୍ରସୂତି ମହିଳାଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ରିୟଲ ଟାଇମରେ ସଂଗ୍ରହ ଓ ଅପଲୋଡ୍ କରାଯାଇପାରିବ । ପୂର୍ବରୁ ପୁରୁଣା ମୋବାଇଲ ଫୋନ ଏବଂ ବୈଷୟିକ ସମସ୍ୟା ଯୋଗୁଁ ତଥ୍ୟ ପଠାଇବାରେ ଅନେକ ଅସୁବିଧା ଦେଖାଦେଉଥିଲା । ନୂତନ ଫୋନ ମିଳିବା ପରେ ସେହି ସମସ୍ୟାର ସମାଧାନ ହେବା ସହ କାର୍ଯ୍ୟ ପରିଚାଳନା ଆହୁରି ସହଜ ହେବ ବୋଲି ଅଙ୍ଗନବାଡି କର୍ମୀମାନେ କହିଛନ୍ତି ।

ଏହି ପଦକ୍ଷେପ ଦ୍ୱାରା ସରକାରଙ୍କ ପୋଷଣ ଅଭିଯାନ, ଶିଶୁ ବିକାଶ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନାର ତଥ୍ୟ ଅଧିକ ଶୀଘ୍ର ଏବଂ ସଠିକ ଭାବେ ଉପଲବ୍ଧ ହେବ । ଏହା ସହିତ ସେବା ପ୍ରଦାନରେ ଗତି ଆସିବା ସହ ନିରୀକ୍ଷଣ ବ୍ୟବସ୍ଥା ମଧ ଅଧିକ ସୁଦୃଢ଼ ହେବ । ଅଙ୍ଗନବାଡି ବ୍ୟବସ୍ଥାରେ ଡିଜିଟାଲ ପରିବର୍ତ୍ତନ ଆଣିବା ଦିଗରେ ଏହି ନୂତନ ସ୍ମାର୍ଟଫୋନ ବଣ୍ଟନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି ।

# ମାଲକାନଗିରି ଜିଲ୍ଲାସ୍ତରୀୟ ମାସିକ ଶିକ୍ଷା ସମୀକ୍ଷା ବୈଠକ

ମାଲକାନଗିରି , ୨୫/୦୬ (ନି.ପ୍ର): ଆଜି ଜିଲ୍ଲା ପରିଷଦ ସଭାଗୃହ ଠାରେ ଜୁନ ମାସ ନିମନ୍ତେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ବିଭାଗରେ ଚାଲୁଥିବା ସମଗ୍ର ଧାରଣା ଦେଲାବେଳେ ନାମଲେଖା ଅଭିଯାନ, ଡ୍ରପଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା, ପାଠ୍ୟପୁସ୍ତକ ଓ ୟୁନିଫର୍ମ ବଣ୍ଟନ, ଶିକ୍ଷକ ଉପସ୍ଥାନ ଓ ପଦବୀ ପୂରଣ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସ୍କୁଲ ଭିତ୍ତିଭୂମି ଶ୍ରେଣୀଗୃହ, ଶୌଚାଳୟ, ପାନୀୟ ଜଳ, ବିଜୁଳି , ବୋର୍ଡ ପରୀକ୍ଷାରେ ଭଲ ଫଳାଫଳ, ବ୍ୟୟ ଅଟକଳ , ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମ୍ ଶ୍ରୀ ସ୍କୁଲ, ଛାତ୍ରାବାସ ଆଦି ମୁଖ୍ୟ ବିଷୟ ଆଲୋଚନା ହେଲା । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ଆଗାମୀ ଦଶମ ବୋର୍ଡ ପରୀକ୍ଷା ନିମନ୍ତେ ସ୍ୱତନ୍ତ୍ର ଯୋଜନା ' ଆସ୍ୱାୟାର' ସମ୍ବନ୍ଧରେ ବିସ୍ତୃତ ବିବରଣୀ ରଖିଥିଲେ । ଏହି ବୈଠକରେ ଜିଲ୍ଲା ମଙ୍ଗଳ ଅଧିକାରୀ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ, ସମଗ୍ର ଶିକ୍ଷାର ସମସ୍ତ ବିଭାଗୀୟ ମୁଖ୍ୟ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ଆଦି ଯୋଗ ଦେବା ସହ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସମସ୍ତ ବିଭାଗୀୟ କର୍ମଚାରୀ ମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବା ସହ ପିଲାଙ୍କ ସୁରକ୍ଷା ଓ ସୁବିଧାକୁ ଧ୍ୟାନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୁନ୍ ୨୭ ତାରିଖରେ ଏମଏସଏମଇ ଦିବସ ପାଇଁ ପ୍ରସ୍ତୁତି ବୈଠକ

ପାରାଦୀପ, ୨୫/୬ (ନି.ପ୍ର): ଆସନ୍ତା ୨୭ ତାରିଖରେ ପାଳିତ ହେବାକୁ ଯାଉଛି ଆର୍ନ୍ତଜାତୀୟ ଏମଏସଏମଇ ଦିବସ । ଏହି ଉପଲକ୍ଷେ ପାରାଦୀପ ଇଫକୋ ଅଡିଟୋରିୟମ୍ ପରିସରରେ ଏମଏସଏମଇ ଟିମ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି ବୋଲି ଆଜି ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏନଆଇସି ଭୁବନେଶ୍ୱର କାର୍ଯ୍ୟାଳୟ ଡେପୁଟି ଜେନେରାଲ ମ୍ୟାନେଜର ଏସ.କେ.ଶାହ । ବିଶ୍ୱ ବାଣିଜ୍ୟ କେନ୍ଦ୍ର ଭୁବନେଶ୍ୱର ଆଂଚଳିକ ନିର୍ଦ୍ଦେଶକ ଏ. ରାଜ୍ୟଲକ୍ଷ୍ମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ସୂକ୍ଷ୍ମ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କୁ ଡିଜିଟାଲ




ବାଣିଜ୍ୟ ଏବଂ ଓନଡିସିର ସୁବିଧା ସମ୍ପର୍କରେ ସଚେନତା କରିବା, ଯାହା ଦ୍ୱାରା ସେମାନେ ନିଜ ବ୍ୟବସାୟ ବଢାଇ ପାରିବେ ଏବଂ ନୂତନ ବଜାରରେ ପହଂଚି ପାରିବେ । ଏହି ପଦକ୍ଷେପ ମାଧ୍ୟମରେ ଓଡିଶାର ଏମଏସଏମଇ ଗୁଡିକୁ ଉନ୍ନତ ବଜାର ସୁଯୋଗ, ଡିଜିଟାଲ ସେବାରେ ଅଧିକ ଅଂଶଗ୍ରହଣ ଏବଂ ନୂତନ ରୋଜଗାର ସୃଷ୍ଟି ଦ୍ୱାରା ସଶକ୍ତ କରାଯିବ ବୋଲି ଶ୍ରୀ ଶାହ କହିଥିଲେ । ଓଡିଶାର ଏମଏସଏମଇ ଉଦ୍ୟୋଗୀମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେବାକୁ ଶ୍ରୀମତୀ ରାଜ୍ୟଲକ୍ଷ୍ମୀ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧିକାରୀ, ଡିଆଇସି ଅଧିକାରୀଙ୍କ ସମେତ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।


25001/522/2627

**e-Procurement Notice for Building Works Identification No. 04/ SERW/JLS/2026-27**

| | | |
|---|---|---|
| 1. Procurement Officer | :- | Superintending Engineer Rural Works Division, Jaleswar |
| 2. Name of the Work | :- | Buildings |
| 3. Total No. of Works | :- | 09 Nos |
| 4. Estimated Cost | :- | Approx. Estimated Cost ₹.51.69 Lakh to ₹.67.19 Lakh |
| 5. Class of Contractor | :- | B Class |
| 6. Time of Completion | :- | Six & Nine Calender months ( As per annexure ) |
| 7. Avaliability of tender On-line for bidding | :- | From 30.06.2026 at 10.00 A.M. to 15.07.2026 upto 05.00 P.M. |
| 8. Last date & time of seeking tender clarification | :- | 14.07.2026 upto 05.00 P.M |
| 9. Date & Time of Opening of tender in the office of the Superintending Engineer, R.W.Division, Jaleswar | :- | Date & Time Opening of Techinical & Financial bid -17.07.2026 at 11.00 A.M. |

Further details can be seen from the web site- ***www.tendersodisha.gov.in***

**Superintending Engineer**
**R.W. Division, Jaleswar**

**OIPR: 25001/25051/1/26-27/0003**


# ଆଧାର କାର୍ଡ ନଥିବାରୁ ୬ ବର୍ଷ ଧରି ରାସନରୁ ବଞ୍ଚିତ ପରିବାର: ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ବାପା-ଝିଅ

ଝାରସୁଗୁଡା, ୨୫/୦୬ (ନି.ପ୍ର): ଗରିବ ଓ ଖଟିଖିଆ ପରିବାରଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବାକୁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ମଧ ଅନେକ ପ୍ରକୃତ ହିତାଧିକାରୀ ଆଜି ମଧ ସେହି ସୁବିଧାରୁ ବଞ୍ଚିତ ରହିଛନ୍ତି । ଏଭଳି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ଲଖନପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ କନକତୋରା ପଞ୍ଚାୟତର ଲୁହାବଗା ଗାଁରେ । ଗାଁର ବୃନ୍ଦାବନ ସୁନା (୪୮) ଏବଂ ତାଙ୍କର ଦୁଇ ଝିଅ ଶାନ୍ତି ସୁନା (୨୨) ଓ ଆରତୀ ସୁନା (୧୮) ବିଗତ ଛଅ ବର୍ଷରୁ ଅଧିକ ସମୟ ଧରି ଖାଦ୍ୟ ସୁରକ୍ଷା ଯୋଜନାର ଲାଭରୁ ବଞ୍ଚିତ ରହି ଦୁର୍ଦ୍ଦିନ ମଧ୍ୟରେ ଜୀବନ ବିତାଉଛନ୍ତି । ସୂଚନା ଅନୁଯାୟୀ, ପୂର୍ବରୁ ପାଞ୍ଚ ସଦସ୍ୟ ବିଶିଷ୍ଟ ଏହି ପରିବାର ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ରାସନ ସାମଗ୍ରୀ ପାଉଥିଲେ । କିନ୍ତୁ ୨୦୧୯ ମସିହାରେ ଲଗାଣ ବର୍ଷାରେ ସେମାନଙ୍କର ଚାଳଛପର ଘର ଭାଙ୍ଗିଯିବା ସହ ବୃନ୍ଦାବନ ଓ ତାଙ୍କ ଦୁଇ ଝିଅଙ୍କର ଆଧାର କାର୍ଡ ନଷ୍ଟ ହୋଇଯାଇଥିଲା । ପରେ ରାସନ କାର୍ଡ ସହ ଆଧାର ସଂଯୋଗ ବାଧ୍ୟତାମୂଳକ ହେବାରୁ ପରିବାରର ଏହି ତିନି ସଦସ୍ୟ ଯୋଜନାରୁ ବାଦ ପଡ଼ିଥିଲେ । ନୂତନ ଆଧାର କାର୍ଡ ପ୍ରାପ୍ତି ପାଇଁ ସେମାନେ ବାରମ୍ବାର ଉଦ୍ୟମ କରିଥିଲେ ମଧ ଆବଶ୍ୟକ ପ୍ରମାଣପତ୍ରର ଅଭାବରୁ ଆଧାର କାର୍ଡ ପୁନଃ ନିର୍ମାଣ ହୋଇପାରୁନାହିଁ । ଫଳରେ କେବଳ ରାସନ ସାମଗ୍ରୀ ନୁହେଁ, ଝିଅମାନଙ୍କ ଉଚ୍ଚଶିକ୍ଷା ଓ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧାରୁ ମଧ ପରିବାର ବଞ୍ଚିତ ହେଉଛି ।ଦିନ ମଜୁରି କରି ପରିବାର ଚଳାଉଥିବା ବୃନ୍ଦାବନ ସୁନା କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତିରେ ପରିବାର ପ୍ରତିପୋଷଣ କରିବା ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି । ପ୍ରଶାସନ ମାନବିକ ଦୃଷ୍ଟିକୋଣରୁ ତାଙ୍କ ସମସ୍ୟାକୁ ବିଚାର କରି ଶୀଘ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ସହ ଆଧାର କାର୍ଡ ପୁନଃ ପ୍ରାପ୍ତିରେ ସହାୟତା କରିବାକୁ ସେ ନିବେଦନ କରିଛନ୍ତି ।

ଏହି ଘଟଣା ପୁଣିଥରେ ପ୍ରଶ୍ନ ଉଠାଇଛି ଯେ, କେବଳ ଦଲିଲ ଅଭାବରୁ ଜଣେ ପ୍ରକୃତ ଗରିବ ପରିବାର ସରକାରୀ ସୁବିଧାରୁ ବଞ୍ଚିତ ହେବା କେତେଦୂର ଯୁକ୍ତିସଙ୍ଗତ । ସମ୍ପୃକ୍ତ ବିଭାଗ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।

## ଶଙ୍କରପୁର ହତ୍ୟା ମାମଲା : ମୂଖ୍ୟ ଅଭିଯୁକ୍ତ ମୂଷାର ବୈଶିଙ୍ଗା ଥାନାରେ ଆତ୍ମସମର୍ପଣ

ବୈଶିଙ୍ଗା , ୨୫/୬ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଚୁଆପଦା ଗ୍ରାମର ଲକ୍ଷ୍ମୀଧର ଦାସ ଓରଫ ମୂଷା ଶଙ୍କରପୁର ହତ୍ୟା ଘଟଣାରେ ବୈଶିଙ୍ଗା ଥାନାରେ ଆତ୍ମ ସମର୍ପଣ କରିଥିବା ଜଣାଯାଇଛି । ଏହି ଥାନା ସୀମାନ୍ତବର୍ତ୍ତୀ ଶଙ୍କରପୁର ଗ୍ରାମର ନଡିଆ ତୋଳା କୁ କେନ୍ଦ୍ରକରି ବଡଭାଇର ପ୍ରରୋଚନାରେ ସାନଭାଇ କୁ ହତ୍ୟା କରିଥିବା ମୂଷା ୪ ଦିନ ଧରି ଫେରାର ଥିବା ବେଳେ ଆଜି ଆତ୍ମ ସମର୍ପଣ କରିଥିଲା । ଯେହେତୁ ଘଟଣାଟି ବାଲେଶ୍ୱର ସଦର ଥାନା ଇଲାକାରେ ହୋଇଥିଲା । ତେଣୁ ତାକୁ ବାଲେଶ୍ୱର ସଦର ପୋଲିସ ହାତରେ ଜିମା ଦିଆଯାଇଥିବା ଜଣା ଯାଇଛି । ତେବେ ବାଲେଶ୍ୱର ପୋଲିସ ମୂଷାର ଡାକ୍ତରୀ ମାଇନା କରି ସେ ହତ୍ୟାରେ ବ୍ୟବହାର କରିଥିବା ଧାରୁଆ ଅସ୍ତ୍ର ସହ ବାଲେଶ୍ୱର ନେଇ ଯାଇଛନ୍ତି । ଶୁକ୍ରବାର ପାଟଣା ସ୍କୁଲକୁ ଆଣି ଘଟଣାର ସିନ୍ ରିକ୍ରିଏସନ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

## ଖଇରା ଗାନ୍ଧୀ ଗୋବିନ୍ଦଚନ୍ଦ୍ର ପଣ୍ଡାଙ୍କ ୧୧୫ତମ ଜୟନ୍ତୀ ପାଳନ

ଖଇରା, ୨୫/୬ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଅଞ୍ଚଳରେ ଖଇରା ଗାନ୍ଧୀ ଭାବେ ଜଣାଶୁଣା ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ୧୧୫ତମ ଜନ୍ମ ଜୟନ୍ତୀ ବୁଧବାର ଦିନ ଖଇରା ଠାରେ ପାଳିତ ହୋଇ ଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଜଳଧର ମିଶ୍ରଙ୍କ ସବାପତିତ୍ୱରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ସାହିତ୍ୟକ ହରିହର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋବିନ୍ଦ ପଣ୍ଡା ଜଣେ ସମାଜ ସଂସ୍କାରକ ଥିଲେ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ଚିନ୍ତାମଣି ସାହାଣୀ, ନାରାୟଣ ପେଡା, ସୁଦର୍ଶନ ପାଣିଗ୍ରାହୀ, ସଙ୍କୀର୍ତ୍ତନ ପଣ୍ଡା, ନିରଞ୍ଜନ ବାରିକ, ପଦ୍ମନାଭ ଶଅନିବିଗ୍ରହ, ରାମଚନ୍ଦ୍ର ଦାସ, ନିତ୍ୟାନନ୍ଦ ନାୟକ, ଦିଗମ୍ବର ଦାଶ ସଭାରେ ଯୋଗଦେଇ ଗାନ୍ଧୀଙ୍କ ବିଚାରଧାରାକୁ ଆଦର୍ଶ ଭାବେ ଗ୍ରହଣ କରିଥିବା ଶ୍ରୀ ପଣ୍ଡାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ବଡପୁଅ ଗଗନ ବିହାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳେଶ୍ୱର ସେଟଲାଇଟ ପୋଲିସର ବଡ଼ ସଫଳତା: ୮୫ ଗ୍ରାମ ବ୍ରାଉନ୍ ସୁଗାର ଜବତ, ବାଲିଆପାଳ ଅଞ୍ଚଳର ଯୁବକ ଗିରଫ



ଜଳେଶ୍ୱର, ୨୫/୬ (ନି.ପ୍ର): ଜଳେଶ୍ୱର ଅଞ୍ଚଳରେ ପୁଣି ସକ୍ରିୟ ହୋଇଉଠିଛି ନିଶା କାରବାର। ତେବେ ଏହା ଉପରେ ଶକ୍ତ ପ୍ରହାର କରି ଜଳେଶ୍ୱର ସେଟ ଲାଇଟ ପୋଲିସ ଏକ ବଡ଼ଧରଣର ଚଢ଼ାଉ କରିବାରେ ସଫଳ ହୋଇଛି। ବିଶେଷ ସୂତ୍ରରୁ ଗୁପ୍ତ ଖବର ପାଇ ପୋଲିସ ପ୍ରାୟ ୮୫ ଗ୍ରାମର ବ୍ରାଉନ୍ ସୁଗାର ଜବତ କରିବା ସହ ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି।ଜବତ ହୋଇଥିବା ଏହି ନିଶାଦ୍ରବ୍ୟର ଆନୁମାନିକ ଆନ୍ତର୍ଜାତିକ ବଜାର ମୂଲ୍ୟ ପ୍ରାୟ ୮ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୯ଟା ସମୟରେ ଜଳେଶ୍ୱର ଥାନା ପଶ୍ଚିମବାର୍ଡ ପଞ୍ଚାୟତ ଅନ୍ତର୍ଗତ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ନିକଟରେ ଜଣେ ଯୁବକ ସନ୍ଦେହଜନକ ଭାବେ ଘୁରି ବୁଲୁଥିଲେ। ସେ କୌଣସି ଗ୍ରାହକଙ୍କୁ ନିଶାଦ୍ରବ୍ୟ ହସ୍ତାନ୍ତର କରିବା ପାଇଁ ଅପେକ୍ଷା କରିଥିବା ସନ୍ଦେହ କରାଯାଉଥିଲା। ଖବର ପାଇ ଜଳେଶ୍ୱର ସାଟେଲାଇଟ୍ ଥାନା ଅଧିକାରୀ ଲକ୍ଷେସାଧବ ପ୍ରଧାନଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ପୋଲିସର ଏକ ସ୍ୱେଶାଲ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲେ। ପୋଲିସ ତତ୍ପରତା ପ୍ରଦର୍ଶନ କରି ଉକ୍ତ ୩୨ ବର୍ଷୀୟ ଯୁବକଙ୍କୁ ଚତୁରତାର ସହ କାବୁ କରିଥିଲା। ଯୁବକ ଜଣଙ୍କୁ ଅଟକ ରଖି ଖାନତଲାସି କରିବା ପରେ ତାଙ୍କ ନିକଟରୁ ୮୫ ଗ୍ରାମର ବ୍ରାଉନ୍ ସୁଗାର ମିଳିଥିଲା।ଗିରଫ ଯୁବକ ଜଣକ ବାଲିଆପାଳ ବ୍ଲକ ଖଗଡ଼ାପାଳ ଗ୍ରାମର ଏସ୍ କେ କରୀମ ବୋଲି ପୋଲିସ ସ୍ପଷ୍ଟ କରିଛି। ଏହି ବେଆଇନ ନିଶା କାରବାର ନେଇ ମାମଲା ନମ୍ବର ୭୨/୨୬ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।ଏହି ନିଶା ର୍ୟାକେଟ୍ ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି,ସେ ନେଇ ପୋଲିସ ଅଧିକ ଖୋଳତାଳ ଚଳାଇଛି। ସଫଳ ଅପରେସନର ପଛର ଟିମ୍ ଜଳେଶ୍ୱର ଅଞ୍ଚଳକୁ ନିଶାମୁକ୍ତ କରିବା ଅଭିଯାନରେ ଏହି ଅପରେସନକୁ ବେଶ୍ ସଫଳତା ପୂର୍ବକ ସମ୍ପାଦନ କରାଯାଇଛି। ଏହି ଚଢ଼ାଉ ସମୟରେ ସେଟ ଲାଇଟ ଥାନା ଅଧିକାରୀ ଲକ୍ଷେସାଧବ ପ୍ରଧାନଙ୍କ ସମେତ ପୋଲିସ ଟିମରେ ଏଏସଆଇ ସାଲହ ହେମ୍ବ୍ରମ,ଜଗବନ୍ଧୁ ବାରିକ, ବିଶ୍ୱନାଥ ଭୋଇ,ରାଜେଶ ସୁତାର ଏବଂ ମଧୁସ୍ମିତା ମହାନ୍ତ ପ୍ରମୁଖ ସାମିଲ ହୋଇ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାମୁଦ୍ରିକ ଓ ଜଳତଳ ପ୍ରତ୍ନତତ୍ତ୍ୱ ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ ସମାପ୍ତ




ବାଲେଶ୍ୱର, ୨୫/୬ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ "ବନ୍ଦରରୁ ଜାହାଜ-ଧ୍ୱଂସାବଶେଷ ପର୍ଯ୍ୟନ୍ତ: ସାମୁଦ୍ରିକ ଓ ଜଳତଳ ପ୍ରତ୍ନତତ୍ତ୍ୱର ବିଭିନ୍ନ ଦୃଷ୍ଟିକୋଣ" ସଫଳତାର ସହ ସମାପ୍ତ ହୋଇଛି। ଜୁନ୍ ୨୪ ଓ ୨୫ ତାରିଖରେ ଆୟୋଜିତ ଏହି ସମ୍ମିଳନୀରେ ଭାରତ, ଶ୍ରୀଲଙ୍କା ଓ ଫ୍ରାନ୍ସର ବିଶିଷ୍ଟ ପ୍ରତ୍ନତତ୍ତ୍ୱବିଦ୍, ଅଧ୍ୟାପକ, ଗବେଷକ ଓ ଐତିହ୍ୟ ବିଶେଷଜ୍ଞମାନେ ଅଂଶଗ୍ରହଣ କରି ସାମୁଦ୍ରିକ ଐତିହ୍ୟ, ଜଳତଳ ପ୍ରତ୍ନତତ୍ତ୍ୱ ଓ ସାଂସ୍କୃତିକ ସମ୍ପଦ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ମତବିନିମୟ କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ସମ୍ମିଳନୀର ଆବାହକ ତଥା ବିଭାଗୀୟ ସଂଯୋଜକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସମ୍ମିଳନୀର ବିଷୟବସ୍ତୁ ଓ ଅତିଥି ପରିଚୟ ଉପସ୍ଥାପନ କରିଥିଲେ। ଡ଼କ୍ଟର ଯଶସ୍ୟା ରାଉତ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ ଓ ସହ-ଆବାହକ ଡ଼କ୍ଟର ଶିଖାଶ୍ରୀ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷୀୟ ଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଜ୍ଞାନଚର୍ଚ୍ଚା, ଗବେଷଣାମୂଳକ ଦୃଷ୍ଟିଭଙ୍ଗୀ ଓ ଜଳତଳ ଐତିହ୍ୟ ସଂରକ୍ଷଣ କ୍ଷେତ୍ରରେ ଶିକ୍ଷାନୁଷ୍ଠାନମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଉଚ୍ଚଶିକ୍ଷା, ଗବେଷଣା ଓ ଅନ୍ତଃବିଭାଗୀୟ ଅଧ୍ୟୟନର ଗୁରୁତ୍ୱ ଉପରେ ମତ ରଖିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ଭି. ସେଲଭକୁମାର ସାମୁଦ୍ରିକ ପ୍ରତ୍ନତତ୍ତ୍ୱର ସାମ୍ପ୍ରତିକ ଅଗ୍ରଗତି ଉପରେ ଆଲୋକପାତ କରିଥିବାବେଳେ ପ୍ରଫେସର ଆର. କେ. ମହାନ୍ତି ଭାରତୀୟ ପ୍ରତ୍ନତତ୍ତ୍ୱ ଅନୁସନ୍ଧାନର ଐତିହାସିକ ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଡ଼କ୍ଟର ସିଲା ତ୍ରିପାଠୀ ସାମୁଦ୍ରିକ ପ୍ରତ୍ନତତ୍ତ୍ୱ ଓ ଉପକୂଳୀୟ ଐତିହ୍ୟ ସଂରକ୍ଷଣ କ୍ଷେତ୍ରରେ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଉଦ୍‌ଯାପନୀ ଅଧିବେଶନକୁ ଡ଼କ୍ଟର ଶିଖାଶ୍ରୀ ରାୟ ପରିଚାଳନା କରିଥିଲେ ଓ ଡ଼କ୍ଟର ବିଶ୍ୱଜିତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନିଆ ସମ୍ମିଳନୀରେ ପ୍ରଫେସର ଆଲୋକ ତ୍ରିପାଠୀ, ଡ଼କ୍ଟର ବେରେନିସ ବେଲିନା, ପ୍ରଫେସର ସୁନୀଲ କୁମାର ପଟ୍ଟନାୟକ, ଡ଼କ୍ଟର ଉମାକାନ୍ତ ମିଶ୍ର, ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ପ୍ରଫେସର ଦେବାଶିଷ ପାତ୍ର ପ୍ରମୁଖଙ୍କ ଅଂଶଗ୍ରହଣରେ ଚାରିଟି ପ୍ଲେନାରି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବନ୍ଦର, ଜାହାଜ ଧ୍ୱଂସାବଶେଷ, ସାମୁଦ୍ରିକ ବାଣିଜ୍ୟ, ଜଳତଳ ସାଂସ୍କୃତିକ ଐତିହ୍ୟ ଓ ଆଧୁନିକ ପ୍ରତ୍ନତାତ୍ତ୍ୱିକ ପଦ୍ଧତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଆନ୍ତର୍ଜାତୀୟ ସମ୍ମିଳନୀ ଗବେଷକ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀଙ୍କ ପାଇଁ ଜ୍ଞାନ ବିନିମୟର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସୃଷ୍ଟି କରିବା ସହ ଫକୀରମୋହନ ବିଶ୍ୱବିଦ୍ୟାଳୟର ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଅଙ୍ଗୀକାରକୁ ଆହୁରି ସୁଦୃଢ଼ କରିପାରିଛି।

# ପରମ୍ପରା ଏବଂ ନାରୀ ସଶକ୍ତୀକରଣର ନିଆରା ଗାଥା: ଜୀ ସାର୍ଥକରେ ଆସନ୍ତା ରବିବାର ସନ୍ଧ୍ୟା ୬:୩୦ରେ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରଙ୍ଗଶୂର'




ଭୁବନେଶ୍ୱର, ୨୫/୬ (ନି.ପ୍ର): ଜୀ ସାର୍ଥକ ସର୍ବଦା ନିଜ ଦର୍ଶକଙ୍କ ପାଇଁ ଶ୍ରେଷ୍ଠ ଏବଂ ପ୍ରେରଣାଦାୟକ କାହାଣୀ ପ୍ରସ୍ତୁତ କରିବାକୁ ପ୍ରୟାସ କରିଆସିଛି। ସେହିପରି ଓଡ଼ିଶାର ସମୃଦ୍ଧ ଲୋକକଳା 'ବାଘ ନାଚ' ଏବଂ ନାରୀ ସଶକ୍ତୀକରଣକୁ ନେଇ ନିର୍ମିତ ବହୁ ପ୍ରତୀକ୍ଷିତ ଡ୍ରାମା-ଥ୍ରୀଲର ଚଳଚ୍ଚିତ୍ର 'ରଙ୍ଗଶୂର' ଆପଣଙ୍କ ଟେଲିଭିଜନ୍ ପରଦାକୁ ଆସୁଛି, ଆସନ୍ତା ୨୮ ସେପ୍ଟେମ୍ବର ସନ୍ଧ୍ୟା ୬:୩୦ ମିନିଟ୍‌ରେ କେବଳ ଜୀ ସାର୍ଥକ ଚ୍ୟାନେଲରେ। ଏକ ସାମାଜିକ ବାର୍ତ୍ତା ସହ ଦର୍ଶକଙ୍କୁ ଏକ ଅଭିନବ ଚଳଚ୍ଚିତ୍ର ଭେଟିଦେବାକୁ ପ୍ରସ୍ତୁତି ଶେଷ ହୋଇଛି। ଆଗରୁ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ଦର୍ଶକଙ୍କ ଅନେକ ଭଲପାଇବା ସାଉଁଟିଥିଲା । ଏହାର କାହାଣୀ ଏକ ଗାଁର ବାପା ଓ ଝିଅଙ୍କ ସମ୍ପର୍କ ଏବଂ କଳା ପ୍ରତି ସମର୍ପଣକୁ ନେଇ ଗତିଶୀଳ। ବାପା ଜଣେ ପାରମ୍ପରିକ ବାଘ ନାଚ କଳାକାର ହୋଇଥିବା ବେଳେ ଝିଅ ଏହି ଲୁପ୍ତପ୍ରାୟ କଳାକୁ ଆଗକୁ ବଢ଼ାଇ ଏହାର ଉତ୍ତରାଧିକାରୀ ହେବାକୁ ସ୍ୱପ୍ନ ଦେଖୁଛି। କିନ୍ତୁ ସମାଜର ରକ୍ଷଣଶୀଳ ଚିନ୍ତାଧାରା ଅନୁଯାୟୀ ଏହି କଳା କେବଳ ପୁରୁଷମାନେ ହିଁ ପରିବେଷଣ କରିପାରିବେ। ଏହି ସାମାଜିକ ପ୍ରଥା ଓ ଲିଙ୍ଗଗତ ବାଧାବିଘ୍ନ ବିରୋଧରେ ଝିଅର ସଂଘର୍ଷ ଏବଂ ବିଦ୍ରୋହ କାହାଣୀରେ ମୁଖ୍ୟ ବିନ୍ଦୁ ସାଜିଛି। ପ୍ରତାପ ରାଉତଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ସୂର୍ଯ୍ୟମୟୀ ମହାପାତ୍ର , ଚୌଧୁରୀ ଜୟପ୍ରକାଶ ଦାସ, ଦୀପନ୍ୱିତ ଦାଶମହାପାତ୍ର, ସମରେଶ ରାଉତରାୟ, ଶୁଭାଶିଷ ଶର୍ମା, ଜ୍ୟୋତି ରଞ୍ଜନ ନାୟକ, ସୁଶାନ୍ତ ଦାସ ମହାପାତ୍ର ଏବଂ ଶୁଭଶ୍ରୀ ଜେନା। ମୁନ ଟିଭି ଆସୋସିଏସନ ଏବଂ ପ୍ରକାଶ ଫିଲ୍ମସ ଓ ମାକ୍ସିମିନିଆ ଫିଲ୍ମସର ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ହିମାଂଶୁ ରାଜ, ଉମଙ୍ଗ ଏବଂ ଶତ୍ରୁଘ୍ନ କୁମାର । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ଏହି ସ୍ୱତନ୍ତ୍ର ଚଳଚ୍ଚିତ୍ର ପ୍ରସଙ୍ଗରେ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀ ରାହୁଲ ରାଓ ନିଜର ଉତ୍ସାହ ପ୍ରକାଶ କରିବା ସହ ଦର୍ଶକଙ୍କୁ ଅନୁରୋଧ କରି କହିଛନ୍ତି, ''ରଙ୍ଗଶୂର' କେବଳ ଏକ ସାଧାରଣ ଫିଲ୍ମ ନୁହେଁ, ବରଂ ଏହା ଆମ ଓଡ଼ିଶାର ଲୁପ୍ତପ୍ରାୟ ଲୋକକଳା ଏବଂ ନାରୀ ସଶକ୍ତୀକରଣର ଏକ ଶକ୍ତିଶାଳୀ ବାର୍ତ୍ତା ବହନ କରୁଛି। ମୋର ସମସ୍ତ ଓଡ଼ିଆ ଦର୍ଶକଙ୍କୁ ବିନମ୍ର ଅନୁରୋଧ, ଆପଣମାନେ ଆସନ୍ତା ୨୮ ସେପ୍ଟେମ୍ବର ସନ୍ଧ୍ୟା ୬:୩୦ରେ ସପରିବାର ଏହି ସିନେମାକୁ ଦେଖନ୍ତୁ ଏବଂ ଆମ ସଂସ୍କୃତି ତଥା ସାହସର ଏହି ନିଆରା କାହାଣୀକୁ ଉପଭୋଗ କରନ୍ତୁ।' ଓଡ଼ିଆ ଦର୍ଶକଙ୍କୁ ଭାବପ୍ରବଣ କରିବା ସହ ସମାଜକୁ ଏକ ବଳିଷ୍ଠ ସନ୍ଦେଶ ଦେବାରେ 'ରଙ୍ଗଶୂର' ନିଶ୍ଚିତ ଭାବେ ସଫଳ ହେବ ବୋଲି ଚଳଚିତ୍ର ଟିମ୍ କହିଛି ।

# ଭଦ୍ରକର ଯୁବପିଢ଼ିଙ୍କୁ ନିଶାମୁକ୍ତ କରିବା ପାଇଁ ଏନ୍‌କର୍ଡ ବୈଠକ

ଭଦ୍ରକ, ୨୫/୬ (ନି.ପ୍ର): ଜିଲ୍ଲାର ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ସେବନରୁ ଦୂରେଇ ରଖିବା ଏବଂ ନିଶାଦ୍ରବ୍ୟର ଅବୈଧ କାରବାର ଉପରେ କଡ଼ା ନଜର ରଖିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ ଏନ୍‌କର୍ଡ ନାର୍କୋକୋଅର୍ଡିନେସନ୍ ସେଣ୍ଟର, ବୈଠକ ଆଜି ଜିଲ୍ଲାଆରକ୍ଷୀଅଧୀକ୍ଷକ ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାରେ ନିଶାଦ୍ରବ୍ୟ ଚୋରା ଚାଲାଣ ଓ ବିକ୍ରି ରୋକିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି, ଶିକ୍ଷାନୁଷ୍ଠାନ ଓ ଗ୍ରାମସ୍ତରରେ ସଚେତନତା କାର୍ଯ୍ୟକ୍ରମ ଜୋରଦାର କରିବା, ଏବଂ ଯୁବପିଢ଼ିଙ୍କ ମଧ୍ୟରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ବ୍ୟାପକ ପ୍ରଚାର-ପ୍ରସାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୁଲିସ ଅଧୀକ୍ଷକ ଜିଲ୍ଲାରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ଦିଗରେ ଚାଲିଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିବା ସହ ସମସ୍ତ ସମ୍ପୃକ୍ତ ବିଭାଗକୁ ସଚେତନତା ଓ ପ୍ରତିରୋଧମୂଳକ ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ, ଶିକ୍ଷା, ଆଇନ ସେବା ପ୍ରାଧିକରଣ ଓ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ମିଳିତ ଉଦ୍ୟମ ଉପରେ ମତବ୍ୟକ୍ତ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଶତାବ୍ଦୀର ସବୁଠୁ ଭୟଙ୍କର...

ଆମେରିକା ସମେତ ବିଭିନ୍ନ ରାଷ୍ଟ୍ରରୁ ଆସିଥିବା ଉଦ୍ଧାରକାରୀ ଦଳ, ସ୍ୱେଚ୍ଛାସେବୀ ଓ ଜନସାଧାରଣ ଲୋକଙ୍କୁ ଉଦ୍ଧାର କରିବାରେ ପ୍ରଶାସନକୁ ସାହାଯ୍ୟ କରୁଛନ୍ତି। ରାସ୍ତାଘାଟ, ହାଇୱେ ଏବଂ ଅଟ୍ଟାଳିକାଗୁଡ଼ିକରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବା ରାଜଧାନୀର ସମସ୍ତ ଅଂଚଳ ପାଇଁ ଗମ୍ଭୀର ବିପଦ ରହିଛି। ଉପକୂଳବର୍ତ୍ତୀ ରାଜ୍ୟ 'ଲା ଗୁଆଇରା' ମଧ୍ୟ ଏହି ଭୂକମ୍ପରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଥିବା 'ସାଇମନ ବୋଲିଭାର ଅନ୍ତର୍ଜାତୀୟ ବିମାନବନ୍ଦର'କୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରିଦିଆଯାଇଛି। ସମୁଦ୍ର କୂଳରେ ଥିବା ଅନେକ ସମ୍ପତ୍ତି ସମେତ ପ୍ରସିଦ୍ଧ 'ଏଡୁଆର୍ଡସ୍ ହୋଟେଲ୍ ବୁଟିକ୍' ମାଟିରେ ମିଶିଯାଇଛି। ପରିସ୍ଥିତିର ଗମ୍ଭୀରତାକୁ ଦେଖି ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗଜ୍ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଦେଶବାସୀଙ୍କୁ ସମ୍ବୋଧିତ କରି ସେ ସମସ୍ତଙ୍କୁ ଧୈର୍ଯ୍ୟ ଓ ଏକତା ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ କହିଛନ୍ତି ଯେ ଏହି ଭୟଙ୍କର ଭୂମିକମ୍ପ ପରେ ସହାୟତା ଓ ଉଦ୍ଧାର କାର୍ଯ୍ୟ ପାଇଁ ଆମେରିକା ଏକ ବିଶାଳ, ଦ୍ରୁତ ଏବଂ ପ୍ରଭାବଶାଳୀ ଅଭିଯାନ ଆରମ୍ଭ କରିଛି। ଉଦ୍ଧାର ତ୍ୱରାନ୍ୱିତ କରିବା ପାଇଁ ଆମେରିକାର ବିଭିନ୍ନ ପ୍ରଦେଶରୀ ସହାୟକ ଟିମ୍ ଭେନେଜୁଏଲା ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି। ରୁବିଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ବୈଦେଶିକ ବିଭାଗ ତୁରନ୍ତ ସମସ୍ତ ମାନବିକ ସହାୟତା ପଠାଇବା ଆରମ୍ଭ କରିଛି। ତେବେ ଧ୍ୱଂସଲୀଳା ଅତି ବ୍ୟାପକ ଥିବାରୁ ତୁରନ୍ତ ଧନଜୀବନ କ୍ଷୟକ୍ଷତିର ଆକଳନ କରିବା ସମ୍ଭବ ନୁହେଁ ଏବଂ ଏଥିପାଇଁ ଆହୁରି ଦୁଇ ଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି ରୁବିଓ କହିଛନ୍ତି।

## ଶଙ୍ଖ ଧରିଲେ ସୁଜାତା...

ଦୀର୍ଘ ଦିନ ହେବ ସୁଜାତା ବିଜେଡିରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିଲା । ଦଳର କୌଣସି ବରିଷ୍ଠ ନେତା ମୁହଁ ଖୋଲିନଥିଲେ ବି ସୋସିଆଲ ମିଡିଆରେ ଜୋରଦାର ପ୍ରଚାର କରାଯାଉଥିଲା । ବିଜେଡିର ଦ୍ୱିତୀୟ ପିଢ଼ିର ନେତା ବି ସୁଜାତାଙ୍କ ଆସିବାକୁ ନେଇ ସଂକେତ ଦେଉଥିଲେ । ଯାହାର ଝଲକ ଆଜି ଶଙ୍ଖ ଭବନରେ ଦେଖିବା ପାଇଁ ମିଳିଛି । ସୁଜାତାଙ୍କୁ ସାଂସଦ, ବିଧାୟକ, ବରିଷ୍ଠ ନେତା, ମହିଳା ମୋର୍ଚ୍ଚା, ଯୁବ ଓ ଛାତ୍ର ମୋର୍ଚ୍ଚା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି । ଦଳରେ ସାମିଲ ହେବା ପରେ କହିଛନ୍ତି, ଓଡ଼ିଶାବାସୀଙ୍କ ପାଇଁ ନବୀନଙ୍କ ନେତୃତ୍ୱରେ କାମ କରିବି । ଦଳରେ କର୍ମୀ ହିସାବରେ ଦାୟିତ୍ୱ ନିର୍ବାହ କରିବି । ୨୦୨୪ ମାର୍ଚ୍ଚ ମାସରେ ଚାକିରିରୁ ଅବସର ନେଇଥିଲେ ଚର୍ଚ୍ଚିତ ଆଇଏଏସ୍ ଅଧିକାରୀ ସୁଜାତା । ସେବେଠୁ ସେ ବିଜେଡିରେ ମିଶିବା ନେଇ ଦଳ ଭିତରେ ଗୁଞ୍ଜରଣ ଲାଗି ରହିଥିଲା । ହେଲେ, ଆଗକୁ କର୍ମୀ ହୋଇ ରହିବେ ନା ବଡ଼ ଭୂମିକାରେ ଆସିବେ ? ତା ଉପରେ ନଜର ।

## ବିଜେଡି ଶାସନକାଳର...

ଏହି ୩ଜଣ ଠିକାଦାରଙ୍କ ବିରୁଦ୍ଧରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ ଓ ବିଭିନ୍ନ ସଙ୍ଗୀନ ଦଫାରେ ୩ଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି। ତଦନ୍ତବେଳେ ଏହି ୩ଜଣ ଠିକାଦାର ଉକ୍ତ ୩ଟି ଜିଲ୍ଲାରେ ଠିକା କାମ ନେଇ ସରକାରୀ ଅର୍ଥ ହରିଲୁଟ୍ କରିବାରେ ମୁଖ୍ୟ ଅଭିଯୁକ୍ତ ସାଜିଥିବା ଜଣାପଡ଼ିଛି। ଭିଜିଲାନ୍ସର ସୂଚନା ଅନୁସାରେ, ପଂଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନ ପାଣ୍ଠିରୁ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ କେନ୍ଦୁଝର, ଯାଜପୁର ଓ ନୟାଗଡ଼ ଜିଲ୍ଲାରେ ପ୍ରାୟ ୧୦୦୦ଟି କ୍ଲଷ୍ଟରରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ କ୍ଲଷ୍ଟରରେ ୧୦ଟି ଲେଖାଏଁ ଲାଇଟ୍ ଲଗାଇବାର ନିୟମ ଥିଲା। ମାତ୍ର ଏହି କାର୍ଯ୍ୟକାରିତାରେ ବ୍ୟାପକ ହେରଫେର କରାଯାଇ ପ୍ରାୟ ୩ କୋଟି ଟଙ୍କା ଆତ୍ମସାତ କରାଯାଇଥିବାର ପ୍ରମାଣ ମିଳିଛି। ଏବେ ପ୍ରତ୍ୟେକ କ୍ଲଷ୍ଟରରେ ହୋଇଥିବା କାମର ଯାଂଚ ଓ ହରିଲୁଟର ସଠିକ୍ ପ୍ରମାଣ ସଂଗ୍ରହ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ବୈଷୟିକ ଅନୁଧ୍ୟାନ କରାଯାଉଛି। ଏହା ସହିତ ଟଙ୍କା ମଞ୍ଜୁରୀ ପ୍ରକ୍ରିୟା ଓ ଏଥିରେ କେଉଁ ସରକାରୀ ବାବୁ ବା କର୍ମଚାରୀଙ୍କର ସମ୍ପୃକ୍ତି ରହିଛି, ତାହା ଖୋଜି ବାହାର କରିବା ପାଇଁ ସମ୍ପୃକ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡ଼ିକୁ ଜବତ କରାଯାଇଛି। ଏହି ମାମଲାରେ ଭିଜିଲାନ୍ସ ନିଜର ତଦନ୍ତ ଜାରି ରଖିଥିବା କହିଛି। ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ପଂଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ପ୍ରତି ପଂଚାୟତର ଗୋଟିଏ ଲେଖାଏଁ ଗାଁରେ 'ଟର୍ଣ୍ଣ-କି' ଭିତ୍ତିରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ସହ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ତେବେ ଏହି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରକ୍ରିୟା ଓ ଟେଣ୍ଡର ନିୟମାବଳୀରେ ବ୍ୟାପକ ଉଲ୍ଲଙ୍ଘନ ହୋଇଥିବା ନେଇ ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ଗତକାଲି ବଡ଼ଧରଣର ଚଢ଼ାଉ ହୋଇଥିଲା।

## ବାଲେଶ୍ୱରରେ ଚାଞ୍ଚଲ୍ୟ...

ତେବେ କିଏ ଓ କାହିଁକି ଗୁଳିମାଡ଼ କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ । ପୋଲିସ ଅପରାଧୀଙ୍କୁ ଧରିବା ପାଇଁ ଛାନଭିନ ଜାରି ରଖିଛି । ପୂର୍ବ ଶତ୍ରୁତାରୁ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅନୁମାନ କରାଯାଉଛି । ଗୁଳିମାଡ଼ କରି ଅପରାଧୀମାନେ ଚମ୍ପଟ ମାରିଛନ୍ତି ।

## ଭେନେଜୁଏଲା ଗୋଟେ ...

ଏକ ବାଳିକା ବିଦ୍ୟାଳୟ ଉପରେ ଆକ୍ରମଣ ପାଇଁ ଆମେରିକୀୟ ସେନା ପ୍ରକୃତରେ ଦାୟୀ କି ନାହିଁ ସେ ବିଷୟରେ ମଧ୍ୟ ସନ୍ଦେହ ପ୍ରକାଶ କରିଛନ୍ତି, ଯଦିଓ ଏନେଇ ଇରାନ ଆମେରିକୀୟ ସେନାକୁ ଦାୟୀ କରିଥିଲା। ଟ୍ରମ୍ପ୍ କହିଛନ୍ତି ଯେ, ମିନାବରେ ଆକ୍ରମଣ କିଏ କରିଛି ତାହା ସ୍ପଷ୍ଟ ନୁହେଁ। ସେ କହିଛନ୍ତି, କ୍ଷେପଣାସ୍ତ୍ର ସବୁଠି ପଡ଼ିଛି। କେତେକ କହିଛନ୍ତି, ସେଗୁଡ଼ିକ ଆମେରିକୀୟ କ୍ଷେପଣାସ୍ତ୍ର। ସମ୍ଭବତଃ ସେଗୁଡ଼ିକ ଆମର କ୍ଷେପଣାସ୍ତ୍ର ନୁହେଁ। ମୁଁ ଏପରି କିଛି ଦେଖିନାହିଁ ଯାହା ମୋତେ ବିଶ୍ୱାସ କରାଇବ ଯେ ଏହା ଆମର କ୍ଷେପଣାସ୍ତ୍ର।

## ଭୁଲ ବହିରେ ଚାଲିଛି ...

ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ସମାନ ସମସ୍ୟା ଦେଖିବାକୁ ମିଳିଛି । ତେବେ ବାସ୍ତବ ସ୍ଥିତି ପରଖିବା ପାଇଁ ମାଲକାନଗିରି ଜିଲ୍ଲାର ବିବିଗୁଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲା କନକ ନ୍ୟୁଜ । ଛାତ୍ରଛାତ୍ରୀ ସମେତ ଅଭିବାବକଙ୍କ ସହ କରିଥିଲେ ଆଲୋଚନା । ପାଠ୍ୟପୁସ୍ତକରେ ବିଭ୍ରାଟ ହେବାରୁ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ବି ଚିନ୍ତାରେ ରହିଛନ୍ତି । ଅନ୍ୟପଟେ ପାଠପୁସ୍ତକର ସମ୍ପାଦନା ମଣ୍ଡଳୀକୁ ନେଇ ପ୍ରଶ୍ନ ଉଠିଲାଣି ପ୍ରଶ୍ନ । ପାଠ୍ୟପୁସ୍ତକ ସମ୍ପାଦନା ମଣ୍ଡଳୀରେ ଯିଏ ଅଛନ୍ତି , ସମୀକ୍ଷକ ମଣ୍ଡଳୀରେ ବି ସେହି ବ୍ୟକ୍ତି ଅଛନ୍ତି । ବିଷୟ ବିଶେଷଜ୍ଞ ଭାବେ ମଧ୍ୟ ସେହି ବ୍ୟକ୍ତିଙ୍କୁ ରଖାଯାଇଛି । ରାଜ୍ୟରେ ବହୁ ଶିକ୍ଷାବିତ, ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଥିବାବେଳେ ପାଠ୍ୟପୁସ୍ତକ ସମ୍ପାଦନାରେ କାହିଁକି କିଛି ନିର୍ଦ୍ଧିଷ୍ଟ ଲୋକଙ୍କୁ ରଖାଗଲା ବୋଲି ଅଭିଯୋଗ ହୋଇଛି । ବହି ବିଭ୍ରାଟ ଘଟଣାକୁ ନେଇ ଓଡିଶା ଅଭିବାବକ ସଂଘ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଭୁଲ ଥିବା ପାଠ୍ୟପୁସ୍ତକକୁ ତୁରନ୍ତ ପ୍ରତ୍ୟାହାର ନହେଲେ ସୋମବାରଠାରୁ ଆମରଣ ଅନଶନ କରିବାକୁ ସଂଘ ଚେତାବନୀ ଦେଇଛି । ପାଠ୍ୟପୁସ୍ତକ ଲେଖିବାଠାରୁ ପ୍ରକାଶ ଯାଏ, ଏହା ବିଭିନ୍ନ ସ୍ତର ଦେଇ ଆସିଥାଏ । ପ୍ରସ୍ତୁତି ପାଇଁ ଏସସିଇଆରଟିର ଦାୟିତ୍ୱ ଥିବାବେଳେ, ଡିଟିପି ଓ ଡିଜାଇନର ଦାୟିତ୍ୱ ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ରହିଛି ଏବଂ ମୁଦ୍ରଣର ଦାୟିତ୍ୱ ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟର । ଏହାସହ ସମ୍ପାଦନା ମଣ୍ଡଳୀର ବି ଗୁରୁ ଦାୟିତ୍ୱ ରହିଛି । ତେବେ ପ୍ରଶ୍ନ ଉଠୁଛି ଏକାଧିକ ସ୍ତର ଦେଇ ପାଠ୍ୟପୁସ୍ତକ ପ୍ରକାଶ ପାଉଥିବାବେଳେ ଏତେ ଭୁଲକୁ କେହି କେମିତି ରୋକି ପାରିଲେନି।

## ଜେଲ୍‌ରୁ କଏଦୀ ଫେରାର ...

ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଏକ ଲିଖିତ ଏଫ୍.ଆଇ.ଆର ଦାଖଲ କରିଛନ୍ତି । ସାଂସଦ ତାଙ୍କ ଅଭିଯୋଗ ପତ୍ରରେ ପ୍ରିଜନ୍ସ ଆଣ୍ଡ୍ କରେକ୍ସନାଲ୍ ସର୍ଭିସେସ୍ ଓଡ଼ିଶାର ଡାଇରେକ୍ଟର ଜେନେରାଲ୍ (ଡିଜି) ଶ୍ରୀ ସୁସାନ୍ତ କୁମାର ନାଥ ଏବଂ ଚୌଦ୍ୱାର ସର୍କେଲ୍ ଜେଲ୍‌ର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ସୁଜିତ୍ କୁମାର ରାଉଳାଙ୍କ ବିରୋଧରେ ସଂଗୀନ ଅଭିଯୋଗ ଆଣିଛନ୍ତି । ଅଭିଯୋଗ ଅନୁଯାୟୀ, ୨୦୨୫ ଅକ୍ଟୋବର୍ ୨ ଏବଂ ୩ ତାରିଖ ବିଳମ୍ବିତ ରାତିରେ ଚୌଦ୍ୱାର ଜେଲ୍‌ରୁ ସୁଭମ୍ ଓରଫ୍ ରାଜା ସାହାନୀ ଏବଂ ମଧୁକାନ୍ତ କୁମାର ଓରଫ୍ ରଣା ନାମକ ଦୁଇ ଜଣ ଦୁର୍ଦ୍ଧାନ୍ତ ବିଚାରାଧୀନ ବନ୍ଦୀ ପଳାଇଥିଲେ । ଏହି କଏଦୀ ମାନଙ୍କୁ ଖସାଇ ଦେବାରେ ଉପରୋକ୍ତ ଦୁଇ ଉଚ୍ଚପଦସ୍ଥ ଅଧିକାରୀ ସହାୟତା ଏବଂ ସହଯୋଗ କରିଥିଲେ । ଅଫିସିଆଲ୍ ରେକର୍ଡ ଜାଲିଆତିର ଅଭିଯୋଗ ସାଂସଦଙ୍କ ଅଭିଯୋଗ ଅନୁସାରେ, ଘଟଣା ଘଟିବା ପରେ ଏହାକୁ ଚାପିଦେବା ପାଇଁ ବଡ଼ ଧରଣର ଷଡ଼ଯନ୍ତ୍ର କରାଯାଇଛି । ପ୍ରମାଣ ନଷ୍ଟ କରିବା, ତଥ୍ୟ ଲୁଚାଇବା, ସରକାରୀ ଦସ୍ତାବିଜ୍ ଓ ଦସ୍ତଖତ ଜାଲିଆତି କରିବା ସହ ଅଫିସିଆଲ୍ ରେକର୍ଡ ସହିତ ହେରଫେର କରାଯାଇଛି । ନିଜ ପଦବୀର ଦୁରୁପଯୋଗ କରି ଅଧିକାରୀଦ୍ୱୟ ତଦନ୍ତ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିବାକୁ ଚେଷ୍ଟା କରିଛନ୍ତି । ସୁଜିତ୍ କୁମାର ସ୍ପଷ୍ଟ କରିଛନ୍ତି ଯେ, ଏହି ଘଟଣାରେ ପୂର୍ବରୁ ରୁଜୁ ହୋଇଥିବା ଏଫ୍.ଆଇ.ଆର୍ ନମ୍ବର୍ ୩୫/୨୦୨୬ ତୁଳନାରେ ଏହି ନୂତନ ଅଭିଯୋଗଗୁଡ଼ିକ ଅଧିକ ଗମ୍ଭୀର । ତେଣୁ ଏହାକୁ ଏକ ସ୍ୱତନ୍ତ୍ର ମାମଲା ଭାବେ ଗ୍ରହଣ କରାଯାଉ । ହାଇକୋର୍ଟଙ୍କ ଆଦେଶ, ବିଭାଗୀୟ ଚିଠିପତ୍ର ଏବଂ ଅନ୍ୟାନ୍ୟ ନିଦର୍ଶନକୁ ଆଧାର କରି ସେ ଏହି ଅଭିଯୋଗ ଆଣିଛନ୍ତି । ଜେଲ୍ ପ୍ରଶାସନର ସ୍ୱଚ୍ଛତା ଓ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଏହାର ଏକ ନିରପେକ୍ଷ ତଦନ୍ତ ଜରୁରୀ ବୋଲି ସେ କହିଛନ୍ତି । ଚୌଦ୍ୱାର ଥାନା ଆଇଆଇସିଙ୍କୁ ଦିଆଯାଇଥିବା ଏହି ଅଭିଯୋଗ ପତ୍ରରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଉପଯୁକ୍ତ ଧାରା ଅନୁଯାୟୀ ତୁରନ୍ତ ମାମଲା ରୁଜୁ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳ ତଥା ଜେଲ୍ ବିଭାଗରେ ଆଲୋଡ଼ନ ସୃଷ୍ଟି କରିଛି ।

## ନବମ ଶ୍ରେଣୀ ପାଠ୍ୟକ୍ରମରେ...

ଜରୁରୀକାଳୀନ ପରିସ୍ଥିତି ବିରୋଧୀ ଆନ୍ଦୋଳନରେ ଜୟପ୍ରକାଶ ନାରାୟଣଙ୍କ ଭୂମିକା ଉପରେ ମଧ୍ୟ ଏହି ଅଧ୍ୟାୟରେ ଆଲୋକପାତ କରାଯାଇଛି । ନବମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିରେ ଏହି ଅଧ୍ୟାୟର ନାଁ ରହିଛି ଗଣତନ୍ତ୍ର ଏବଂ ଆପଣ । ପିଲାମାନେ ସ୍ୱାଧୀନତା ପରବର୍ତ୍ତୀ ଦେଶର ରାଜନୈତିକ ଇତିହାସ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ଏନସିଇଆରଟି ପକ୍ଷରୁ କୁହାଯାଇଛି ।

ଧ୍ୱନି ପ୍ରତିଧ୍ୱନି



# ବାବା ବାଲୁକେଶ୍ୱର ମନ୍ଦିରର ପୁନଃ ପ୍ରତିଷ୍ଠା ଓ ନାମଯଜ୍ଞ ସମାପିତ



ବୈଶିଙ୍ଗା , ୨୫/୬ (ନି.ପ୍ର): ବୈଶିଙ୍ଗୀ ଥାନା ଅନ୍ତର୍ଗତ ରାଇକମା ଗ୍ରାମରେ ପୂଜା ପାଉଥିବା ବାବା ବାଲୁକେଶ୍ୱର ମହାଦେବ ମନ୍ଦିରର ପୁନଃ ପ୍ରତିଷ୍ଠା ହୋଇଥିବା ଜଣାଯାଇଛି । ମନ୍ଦିର ର ନବୀକରଣ ପରେ ଗତ ୧୯ ଓ ୨୦ ତାରିଖ ଦୁଇ ଦିନ ଧରି ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା । ୧୯ ତାରିଖ ରେ ଆରମ୍ଭ କରାଯାଇଥିବା ଅଷ୍ଟମ ପ୍ରହର ନାମଯଜ୍ଞ ୨୦ ତାରିଖରେ ସମାପିତ ହୋଇଥିଲା । ଏଥି ସହିତ ତୁଳସୀ ପ୍ରତିଷ୍ଠା , ୧୦୮ କ୍ଷିରାଭିଷେକ, ତଥା ଶୀତଳ ଷଷ୍ଠୀ ଦିନ ଶିବ ବିବାହ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ଶିବ ପାର୍ବତୀଙ୍କୁ ନେଇ ଗ୍ରାମ ପରିକ୍ରମା କରା ଯାଇଥିଲା । ବୈଦିକ ବ୍ରାହ୍ମଣ ଭାବେ ପ୍ରଫୁଲ୍ଲ କୁମାର ମିଶ୍ର, ଅଶ୍ୱିନୀ ମିଶ୍ର, ଅଜିତ କୁମାର ମିଶ୍ର ଏବଂ ଦୀପ୍ତି ରଞ୍ଜନ ମିଶ୍ର ପ୍ରମୁଖ ଚାରି ପଣ୍ଡିତ ମହାଶୟ ବେଦ ଧ୍ୱନୀରେ ପ୍ରତିଷ୍ଠା, ପୂଜାର୍ଚ୍ଚନା କରିଥିଲେ । ଅନ୍ନ ଯଜ୍ଞ ରେ ଦୁଇ ହଜାର ରୁ ଅଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଶତାଧିକ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।

# ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ : ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କଲା ଉଦଳା



ଉଦଳା, ୨୫/୬ (ନି.ପ୍ର): ସମଗ୍ର ଭାରତବର୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଓଡ଼ିଶାରେ ମଧ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି କ୍ରମରେ ମୟୂରଭଂଜ ଜିଲ୍ଲାର ୩୧ ଉଦଳା(ଏସ୍.ଟି) ନିର୍ବାଚନ ମଣ୍ଡଳିରେ ଜୁନ ୨୩ ତାରିଖ ସୁଦ୍ଧା ସର୍ବାଧିକ ୯୭.୩୮ ପ୍ରତିଶତ ସଘନ ସଂଶୋଧନ କାର୍ଯ୍ୟକ୍ରମ ସଫଳତାର ସହ କରି ସମଗ୍ର ମୟୂରଭଂଜ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜ୍ୟ ସ୍ତରରେ ଦ୍ୱିତୀୟସ୍ଥାନ ଅଧିକାର କରିଥିବାର ପ୍ରକାଶ । ନିର୍ବାଚନ ପଂଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ କପ୍ତିପଦା, ଉଦଳା ସୁଶାନ୍ତ କୁମାର ବାରିକଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନ ଏବଂ ଡ଼େପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ ପ୍ରବିଣ କୁମାର ମାଝୀ, ସହକାରୀ ନିର୍ବାଚନ ପଂଜିକରଣ ଅଧିକାରୀ ବିଡ଼ିଓ ଉଦଳା ସମରଜିତ କର, ତହସିଲଦାର ଉଦଳା ସୁପ୍ରଭା ଦାସ, ବିଡ଼ିଓ ଗୋପବନ୍ଧୁନଗର ପୃଥିରାଜ ପରିଡ଼ା, ତହସିଲଦାର ଗୋପବନ୍ଧୁନଗର ଓମ୍ ପ୍ରକାଶ ମହାନ୍ତି, ତହସିଲଦାର କପ୍ତିପଦା ଆଶିଷ ମହାପାତ୍ର, ଏବିଡ଼ିଓ କପ୍ତିପଦା ବିଦ୍ୟାଭାରତି ନାୟକ, ନିର୍ବାହୀ ଅଧିକାରୀ ଉଦଳା ଏନ୍.ଏ.ସି. ପ୍ରିୟରଂଜନ ଜେନା ଏବଂ ବିଏଲଓ ସୁପରଭାଇଜର, ବିଏଲଓ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଏହାର ସଫଳ ରୂପାୟନ ହୋଇଥିବା ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ଠାରୁ ପ୍ରକାଶ ।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନୀଳଗିରି, ୨୫/୬ (ନି.ପ୍ର): ଏକ ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଏକମାତ୍ର ପୁଅକୁ ହରେଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ବାପା ମାଆ ଓ ପରିବାର ବର୍ଗ । ସୂଚନାଯୋଗ୍ୟ ନୀଳଗିରି ଏନଏସି ୧୦ନମ୍ବର ଓ୍ୱାର୍ଡ଼ କାହାଳିଆ ଗ୍ରାମର ରବୀନ୍ଦ୍ର ପାତ୍ର ଓରଫ କାଳିଆଙ୍କ ଏକମାତ୍ର ପୁଅ ପ୍ରିୟାଂଶୁ ପାତ୍ର (୧୯) ଓ ତାଙ୍କ ସାଙ୍ଗ ଏକ ବାଇକ ଯୋଗେ ଗତ ୧୯ତାରିଖ ଶୁକ୍ରବାର ରାତ୍ରି ପ୍ରାୟ ୯ଘଟିକା ୩୦ ମିନିଟ୍ ସମୟରେ ନୀଳଗିରି ବଜାରରୁ କାର୍ଯ୍ୟ ସାରି ରାଇଗାଁ - କାହାଳିଆ ରାସ୍ତାରେ ଘରକୁ ଫେରୁଥିବା ବେଳେ କାହାଳିଆ ତେନ୍ତୁଳିଛକ ନିକଟରେ ହଠାତ୍ ଏକ ଦୁଇଟି କୁକୁର ବାହାରିପଡିବାରୁ ଦୁର୍ଘଟଣା ଘଟିଥିଲା । ଉକ୍ତ ଦୁର୍ଘଟଣାରେ ଗାଡି ଚଳାଉଥିବା ତାଙ୍କ ସାଙ୍ଗ ବାଇକ୍ କୁ ଆୟତ୍ତ ନକରିବାରୁ ବାଇକ୍ ଚାଳକ ଅକ୍ଷତେ ବର୍ତ୍ତିଯାଇଥିବା ବେଳେ ପଛରେ ବସିଥିବା ପ୍ରିୟାଂଶୁ ପିଚୁଉପରେ ଛିଟିକି ପଡ଼ିବାରୁ ମୁଣ୍ଡରେ ଗଭୀର ଆଘାତ ହୋଇ ସଂଜ୍ଞାହୀନ ହୋଇଥିଲେ । ତାଙ୍କୁ ପ୍ରଥମେ ନୀଳଗିରି ମେଡିକାଲ ଓ ପରେ ରେମୁଣା ମେଡିକାଲକୁ ନିଆଯାଇଥିଲା । ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ମେଡିକାଲ ଏବଂ ପରେ ଅଶ୍ୱିନୀ ଟ୍ରୋମା କେୟାରରେ ଭର୍ତ୍ତି କରାଯାଇଥିଲା । ଗତକାଲି ସେନ୍ସ ଫେରିଥିବା ବେଳେ ଗୁରୁବାର ଦିବା ୧ଘଟିକା ୨୩ମିନିଟ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ କଟକ ଏସସିବିରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ଏନେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ଖବରପାଇ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ସମେତ ନୀଳଗିରି ର ବହୁ ସାମ୍ବାଦିକ କାହାଳିଆ ସ୍ଥିତ ବାସଭବନରେ ଶେଷ ଦର୍ଶନ କରିବା ସହ ତାଙ୍କ ଶବାଧାରରେ ମାଲ୍ୟାର୍ପଣ କରିଥିଲାବେଳେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ବିବେକାନନ୍ଦ ପ୍ରତିଷ୍ଠା ଦିବସ ପାଳିତ ଓ ପୁରସ୍କାର ବିତରଣ ଉତ୍ସବ




ବସ୍ତା , ୨୫/୬ (ନି.ପ୍ର): ବସ୍ତା ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ତା'ର ୨୪ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟରେ ବିବେକ ପତାକା ଉତ୍ତୋଳନ ସହ ଶିକ୍ଷା କେନ୍ଦ୍ର କଟୁ ଆଲୋକମାଳା ଓ ଫୁଲ ଦ୍ୱାରା ସଜ୍ଜିତ ହୋଇଥିଲା । ଶିକ୍ଷା କେନ୍ଦ୍ରର ସଭାପତି ଶଙ୍କର କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ବକ୍ତା ଗଗନ ବିହାରୀ ଜେନା, କୁମୁଦ ରଞ୍ଜନ ଗିରି, ରାମଚନ୍ଦ୍ର ଦେବ, ନରେନ୍ଦ୍ର ସେଠୀ, ବଂଶୀଧର ସାହୁ, ଶ୍ୟାମାପ୍ରସାଦ ବେହେରା ପ୍ରମୁଖ ଅନୁଷ୍ଠାନର ପ୍ରଗତିରେ ଦୀର୍ଘ ଚବିଷ ବର୍ଷ ର ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଗତ ଗ୍ରୀଷ୍ମ ସମୟରେ ଆୟୋଜିତ 'ସମର କ୍ୟାମ୍ପ' ର ଛାତ୍ରଛାତ୍ରୀ ଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା । ପରିଚାଳନା ପରିଷଦର ସଦସ୍ୟ ହିତାଂଶୁ ବେହେରା, ଡା: ରବିନାରାୟଣ ସାହୁ, ନିରଞ୍ଜନ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୁରୁମା ପୁଷ୍ପଲତା ପଟ୍ଟନାୟକ, ସୁଶାନ୍ତିଲତା ବେହେରା, ନମିତା ଦାସ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ସର୍ବକାଳୀନ ସେବାପାଇଁ କୋଷାଧ୍ୟକ୍ଷ ପ୍ରଦୀପ ପରିଡାଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ଶିକ୍ଷାବର୍ଷରେ ରୌପ୍ୟଜୟନ୍ତୀ ଉପଲକ୍ଷେ ଏକ ପ୍ରସ୍ତୁତି କମିଟି ଗଠନ କରାଯାଇଥିଲା ।

# ନିଶାମୁକ୍ତ ଭଦ୍ରକ ଗଠନ ପାଇଁ ଜିଲ୍ଲାବ୍ୟାପୀ ସଚେତନତା: ୨୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ରାଲି, ନିଶା ବିରୋଧୀ ଶପଥ



ଭଦ୍ରକ, ୨୫/୬ (ନି.ପ୍ର): ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ଅବସରରେ ଭଦ୍ରକ ଜିଲ୍ଲାରେ ଗୁରୁବାର ଏକ ବ୍ୟାପକ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା । ସକାଳ ୮.୩୦ ଘଟିକାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ୨୫୦ରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟଙ୍କୁ ନେଇ ଏକ ବିଶାଳ ନିଶା ନିବାରଣ ସଚେତନତା ରାଲି ବାହାରିଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ । ସହରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରିଥିବା ଏହି ରାଲିରେ ଅଂଶଗ୍ରହଣକାରୀମାନେ ନିଶା ବିରୋଧୀ ସ୍ଲୋଗାନ ଦେବା ସହ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ପ୍ରଚାର ରଥ ମାଧ୍ୟମରେ ମଧ୍ୟ ଜନସାଧାରଣଙ୍କୁ ନିଶାଦ୍ରବ୍ୟ ସେବନର କ୍ଷତିକାରକ ପ୍ରଭାବ ସମ୍ପର୍କରେ ଅବଗତ କରାଯାଇଥିଲା । ପରେ ଟାଉନହଲ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସଚେତନତା ସଭାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦତ୍ତ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଖଗେଶ୍ୱର ସେଠୀ ସଭାରେ ଅଧକ୍ଷତା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଦତ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନିଶା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ନୁହେଁ, ପରିବାର ଓ ସମାଜର ଶାନ୍ତି, ସୁରକ୍ଷା ଓ ଆର୍ଥିକ ସ୍ଥିତିକୁ ମଧ୍ୟ ପ୍ରଭାବିତ କରିଥାଏ । ଯୁବପିଢ଼ିଙ୍କୁ ନିଶାରୁ ଦୂରେଇ ରଖିବା ପାଇଁ ପରିବାର, ଶିକ୍ଷାନୁଷ୍ଠାନ, ପ୍ରଶାସନ ଓ ସମାଜର ସମସ୍ତ ବର୍ଗଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ । ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ହିଁ ସବୁଠାରୁ ବଡ଼ ଅସ୍ତ୍ର ବୋଲି ସେ ମତପ୍ରକାଶ କରିଥିଲେ । ସଭାରେ ଜିଲ୍ଲା ଅବକାରୀ ଅଧିକାରୀ ଶ୍ରୀ ନରୋତ୍ତମ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଅରୂପ ଅଭିଷେକ ବେହେରା, ଏନଜିଓ 'ଫେଲୋଶିପ୍'ର ନିର୍ଦ୍ଦେଶକ ଶ୍ରୀ ଲଲାଟେନ୍ଦୁ ମହାନ୍ତି, ସିଆରଏସଆରର ସାଧାରଣ ସମ୍ପାଦକ ଶ୍ରୀ ଭଗବାନ ପରିଡ଼ା ଏବଂ ଉତ୍କଳ ସର୍ବୋଦୟ ମଙ୍ଗଳର ସଭାପତି ଶ୍ରୀ ଅମର ପାଣିଗ୍ରାହୀ ଯୋଗଦେଇ ନିଶାଦ୍ରବ୍ୟ ସେବନର ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟଗତ କୁପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବକ୍ତାମାନେ ମତପ୍ରକାଶ କରିଥିଲେ ଯେ, ନିଶାଦ୍ରବ୍ୟର ଅପବ୍ୟବହାର ଆଜି ବିଶ୍ୱବ୍ୟାପୀ ଚିନ୍ତାର ବିଷୟ ପାଲଟିଛି ଏବଂ ଏହାର ମୁକାବିଲା ପାଇଁ ସମାଜର ସମସ୍ତ ସ୍ତରର ଲୋକଙ୍କ ସହଯୋଗ ଅତ୍ୟନ୍ତ ଆବଶ୍ୟକ । ଜାତିସଂଘ ଦ୍ୱାରା ପ୍ରତିବର୍ଷ ୨୬ ଜୁନକୁ ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ଭାବେ ପାଳନ କରାଯାଇଥାଏ, ଯାହାର ଉଦ୍ଦେଶ୍ୟ ନିଶା ବିରୋଧରେ ଜନସଚେତନତା ବୃଦ୍ଧି କରିବା । ଏହି ଅବସରରେ ଉପସ୍ଥିତ ସମସ୍ତେ ନିଶା ସେବନରୁ ନିବୃତ୍ତ ରହିବା, ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା, ନିଜ ପରିବାର ଓ ସମାଜକୁ ନିଶାମୁକ୍ତ ରଖିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ।

# ଖଇରା ବ୍ଲକରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ



ଖଇରା, ୨୫/୬ (ନି.ପ୍ର): ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତୀ ଉତ୍ସବ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଖଇରା ବ୍ଲକରେ ଡଗରପଡା ସେବାଶ୍ରମ ଛାତ୍ରଙ୍କ ଘୁମୁରା ନୃତ୍ୟର ତାଳେ ତାଳେ ଗୁରୁବାର ଉଦଯାପିତ ହୋଇ ଯାଇଛି । ବୁଧବାର ଉଦଯାପନୀ ଦିବସରେ ଅଧିକାରୀ ମାନଙ୍କ ଦ୍ୱାରା ଖଇରା ପଞ୍ଚାୟତ ସମିତିରେ ୨ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ଖର୍ଚ୍ଚ ହୋଇଥିବା ଅର୍ଥର ହିସାବ ପ୍ରଦାନ କରାଯାଇଥିଲା । ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ଓ ସଭ୍ୟା ରଶ୍ମିତା ମହାପାତ୍ର,ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଖଇରା ବ୍ଲକରେ ସମସ୍ତ ଯୋଜନାର ସଫଳ ରୁପାୟନ ହୋଇ ଥିବାରୁ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବ୍ଲକକୁ ଆଗକୁ ନେବାରେ ସହଯୋଗ କରିଥିବା ବିଡିଓ ନାରାୟଣ ସାହୁ,ବଡବାବୁ ବ୍ରହ୍ମାନନ୍ଦ ଦାଶ, ବିଏଫଓ ରୁଦ୍ରମାଧବ ବେହେରା, ସିଡିପିଓ ଉର୍ମିଳା ବେହେରା, ବିଏସଏସଓ ସରୋଜ କୁମାର ନାୟକ, ବିପିସି ଅନନ୍ତ କୁମାର କୁଅଁର ତଥା ୪ଦିନ ଧରି ମଞ୍ଚ ପରିଚାଳନା କରୁଥିବା ବିଜୟ କେତନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ବୟସ୍କ ବିଧବାକୁ ନୁତନ ଭାବେ ଭତ୍ତା, ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜାନରେ ନୁତନ ରେସନକାର୍ଡ, ଅଙ୍ଗନଓ୍ୱାଡି କର୍ମୀଙ୍କୁ ନୁଆ ମୋବାଇଲ, ଅସହାୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ୪ଦିନ ଧରି ବ୍ଲକର ସମସ୍ତ କର୍ମଚାରୀ ୨ବର୍ଷ ପୂର୍ତ୍ତୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚଣ୍ଡିଗାଁ ସରକାରୀ ଉଚ୍ଚବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ , ୨୫/୬ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚଣ୍ଡିଗାଁ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ, ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣର ପ୍ରତିପକ୍ଷ ଅଧିବକ୍ତା ଡ. ତାପସ ମହାନ୍ତିଙ୍କ ସଂଚାଳନାରେ ଆୟୋଜିତ ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋମଳ ମତି ଛାତ୍ରଛାତ୍ରୀମାନେ ସର୍ବଦା ଆଇନ ସମ୍ପର୍କରେ ସଚେତନ ରହିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଜ୍ଞାନ ପରିଦର୍ଶିକା ହିମାଦ୍ରି ନନ୍ଦିନୀ ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ ଓ ଦାୟିତ୍ୱବାନ ନାଗରିକ ହେବାକୁ ଆହ୍ୱାନ କରିଥିଲେ । ମୁଖ୍ୟ ବକ୍ତା ତଥା ଶିଶୁ ଆଇନ ବିଶେଷଜ୍ଞ ସୁବ୍ରତ କୁମାର ଦାସ, ଶିଶୁ ଅଧିକାର, ପୋକ୍ସୋ ଆଇନ, କିଶୋର ନ୍ୟାୟ ଆଇନ ଏବଂ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଆଲୁମୁନି ସଦସ୍ୟ ପ୍ରଭାକର ନାୟକ ଓ କପିଳ ଚନ୍ଦ୍ର ବାରିକଙ୍କ ସହିତ ପ୍ରଧାନ ଶିକ୍ଷକ ଉମେଶ ମାଝୀ ଯୋଗଦାନ କରିଥିଲେ । ବିଶେଷ ଭାବେ ଶିଶୁମାନଙ୍କ ମୋବାଇଲ ବ୍ୟବହାର ଉପରେ ପରିବାର ଓ ଅଭିଭାବକ ମାନେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ଶ୍ରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଟସାହି ପଞ୍ଚାୟତରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ: ହିତାଧିକାରୀଙ୍କୁ ବଣ୍ଟାଗଲା ସ୍ୱାସ୍ଥ୍ୟ ଓ ରାସନ କାର୍ଡ

ଜଳେଶ୍ୱର, ୨୫/୬ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ 'ବିକାଶ ଧାରା ଓଡ଼ିଶା ସାରା' ଅଭିଯାନ ଜାରି ରହିଛି । ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ପଞ୍ଚାୟତ ପରିସରରେ ବୁଧବାର ପୂର୍ବାହ୍ନରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସମାଜସେବୀ ବିଶ୍ୱନାଥ ଦାସ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସାଂସଦଙ୍କ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା, ବିଶେଷ କରି ମହିଳା ସଶକ୍ତୀକରଣ ପାଇଁ ଉଦ୍ଦିଷ୍ଟ 'ସୁଭଦ୍ରା ଯୋଜନା' ଅଙ୍ଗନୱାଡି କର୍ମୀଙ୍କୁ ସ୍ମାର୍ଟଫୋନ ବଣ୍ଟନ ଏବଂ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଅଧୀନରେ ଅତିରିକ୍ତ ୫ କିଲୋଗ୍ରାମ ରାସନ ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଏହା ସହିତ କାର୍ଯ୍ୟକ୍ରମରେ ଉପସ୍ଥିତ କେତେକ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ଓ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା । ଅତିଥିମାନେ ନିଜ ବକ୍ତବ୍ୟରେ କନ୍ୟା ବିବାହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା, ଚାଷୀ ସହାୟତା ରାଶି ଏବଂ ଅନ୍ତୋଦୟ ଗୃହ ଯୋଜନା ଭଳି ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ବାବଦରେ ଜନସାଧାରଣଙ୍କୁ ଅବଗତ କରାଇବା ସହ 'ଡବଲ ଇଞ୍ଜିନ' ସରକାରଙ୍କ ବିକାଶମୂଳକ କାର୍ଯ୍ୟର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ । ଏହି ସମାବେଶରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ କୋଟସାହି ସରପଞ୍ଚ ମଞ୍ଜୁବାଳା ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଦେଭିଦତ୍ତା ବେହେରା, ନାଏବ ସରପଞ୍ଚ ମମତା ଦଳେଇ, ସାମ୍ବାଦିକ ଭୂପତି ପରିଡ଼ା, ବ୍ଲକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଫକୀର ମୋହନ ପ୍ରଧାନ, ଆଇସିଡିଏସ ମହିଳା ପରିଦର୍ଶିକା ଶାନ୍ତିଲତା ପାଣିଗ୍ରାହୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ବିନତି ଟୁଡୁ, ଏମ୍‌ବିକେ ରୀନାରାଣୀ ବେହେରା, ବ୍ୟାଙ୍କ ମିତ୍ର ସୁମିତ୍ରା ଜେନା ଏବଂ ସମାଜସେବୀ ପ୍ରଦୀପ କୁମାର ନାଥ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସମସ୍ତ ସିଆରପି, ଇସି ସଦସ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଓ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଏହାକୁ ସଫଳ କରିଥିଲେ ।

# ଦିନରେ ଦୁଇଥର ବିଜୁଳି କାଟ: ଅସହ୍ୟ ଗୁଳୁଗୁଳିରେ ଜନ ଜୀବନ ଅସ୍ତବ୍ୟସ୍ତ



ବୈଶିଙ୍ଗା , ୨୫/୬ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ବିଦ୍ୟୁତ ସେକସନ୍ ଅଞ୍ଚଳରେ ଦିନକୁ ପ୍ରାୟ ୨୦ ଥର ପର୍ଯ୍ୟନ୍ତ ଅଘୋଷିତ ପାଓ୍ୱାର କଟ୍ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି । ପ୍ରତ୍ୟେକ ଦିନ ସକାଳ ୫ ଟା ଠାରୁ ୭.୩୦ ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ ହେଉଥିବା ସହ ଦିନ ମଧ୍ୟରେ ଅତି କମରେ ପନ୍ଦର ଥର ବିଦ୍ୟୁତ ସରବରାହ ବ୍ୟାହତ ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଉପଭୋକ୍ତା । ତେବେ ଏ ସମ୍ପର୍କରେ ଟାଟା ପାଓ୍ୱାର ବେତନଟୀ ଉପଖଣ୍ଡ ଅଧିକାରୀ ଇଂ ଶୁଭଦୀପ୍ତ ମିଶ୍ରଙ୍କୁ ପଚାରିବାରୁ ଆବଶ୍ୟକୀୟ ମରାମତି କାର୍ଯ୍ୟ ପାଇଁ ପ୍ରତିଦିନ ଅନେକ ସମୟରେ ବିଦ୍ୟୁତ ସରବରାହ ସର୍ଟଡାଉନ୍ କରିବାକୁ ପଡୁଛି । ତେବେ ଉପଭୋକ୍ତା ମାନେ ଦିନରେ ୨୦ ଥରରୁ ଉର୍ଦ୍ଧ୍ୱ ପାଓ୍ୱାରକଟ୍ ହେଉଥିବା ଅଭିଯୋଗକୁ ସେ ଅସ୍ୱୀକାର କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida